ପରମାର୍ଥୀ
P.O. Regn. No. CK(C)-51/2019-2021

**ଶ୍ରୀ ଶ୍ରୀ ଗୁରୁଗୌରାଙ୍ଗୌ ଜୟତଃ**

ପରମାର୍ଥ ଏବଂ ଧର୍ମାର୍ଥ-କାମ-ମୋକ୍ଷାଦି-ପ୍ରତିପାଦକ କର୍ମ-ଜଡ଼ ଜ୍ଞାନାଦିର ନିରାମକ
ଶ୍ରୀ ଶ୍ରୀ ବିଶ୍ୱବୈଷ୍ଣବ ରାଜସଭାର ପରସାହିତ୍ୟ-ପରିଷଦର ଏକମାତ୍ର ମାସିକ ପତ୍ରିକା

# ॐ ପରମାର୍ଥୀ ॐ

ପିବନ୍ତି ଯେ ଭାଗବତ ଆତ୍ମନଃ ସତାଂ
କଥାମୃତଂ ଶ୍ରବଣ ପୁଟେଷୁ ସଂମ୍ଭୃତମ୍ ।
ପୁନନ୍ତି ତେ ବିଷୟ ବିଦୁଷିତାଶୟଂ
ବ୍ରଜନ୍ତି ତଚ୍ଚରଣ ସରୋରୁହାନ୍ତିକମ୍ ।
(ଶ୍ରୀମଦ୍ ଭାଗବତମ୍ ୨।୨।୩୭)

କୃଷ୍ଣବର୍ଣ୍ଣଂ ତ୍ୱିଷାଽକୃଷ୍ଣଂ ସାଙ୍ଗୋପାଙ୍ଗାସ୍ତ୍ରପାର୍ଷଦ
ଯଜ୍ଞୈଃ ସଂକୀର୍ତ୍ତନ ପ୍ରାୟୈର୍ଯଜନ୍ତି ହି ସୁମେଧସଃ ॥
ସୁବର୍ଣ୍ଣବର୍ଣ୍ଣୋ ହେମାଙ୍ଗୋ ବରାଙ୍ଗଶ୍ଚନ୍ଦନାଙ୍ଗଦୀ ।
ସନ୍ନ୍ୟାସକୃଚ୍ଛମା ଶାନ୍ତୋ ନିଷ୍ଠା-ଶାନ୍ତିପରାୟଣଃ ॥
(ଭା: ୧୧।୫।୩୨ ଓ ମ:ଭା: ୧୪୯ ଅ:)

**୭୪ ବର୍ଷ ଗୌରାବ୍ଦ ୫୩୪ ଜ୍ୟେଷ୍ଠ ପୂର୍ଣ୍ଣିମା - ଜୁନ୍ - ୨୦୨୦ ସଂଖ୍ୟା ୪**

## ସୂଚୀପତ୍ର


| ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|
| ୧ - ଶ୍ରୀ ଶ୍ରୀଳ ଗୁରୁମହାରାଜଙ୍କ ହରିକଥା | | ୩ |
| ୨- ଆଚାର୍ଯ୍ୟ ମର୍ଯ୍ୟାଦା | ଶ୍ରୀଳ ଗୁରୁଗୋସ୍ୱାମୀ ଠାକୁର | ୭ |
| ୩- ଓଡ଼ିଶାର ଚୈତନ୍ୟ ମନ୍ଦିର | ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ | ୧୦ |
| ୪- ସପ୍ତ ସ୍ୱର୍ଗ | ସଦାଶିବ ପଣ୍ଡା | ୧୩ |
| ୫- ମହାପ୍ରଭୁଙ୍କ ଦିବ୍ୟ ସ୍ନାନ | ଶ୍ରୀ ଗୁଣନିଧି ଦାସ | ୧୫ |
| ୬- ଭକ୍ତିରସାମୃତସିନ୍ଧୁ - ବିନ୍ଦୁ | ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର | ୧୬ |




# ଶ୍ରୀ ଶ୍ରୀଳ ଗୁରୁମହାରାଜଙ୍କ ହରିକଥା

**ବିଷୟ- ଶ୍ରୀଭଗବାନଙ୍କର ଲୀଳାକଥା ଶ୍ରବଣ ହିଁ ସଂସାରସିନ୍ଧୁ ଉତ୍ତୀର୍ଣ୍ଣ ହବାର ଉପାୟ**

**"ଶ୍ରୀ ଗୋବର୍ଦ୍ଧନ ପୂଜା ଉପଲକ୍ଷେ ଶ୍ରୀମଦ୍ ଭାଗବତର ନବନୀତ-ସାର"**

ସ୍ଥାନ- ଶ୍ରୀ ଗୌଡ଼ୀୟ ମଠ, ବାଗବଜାର, କୋଲକତା-୩ (ଇଂ.୧୧/୧/୬୦)

(ପୂର୍ବ ପ୍ରକାଶନ ଉତ୍ତାରୁ....)

ସଂସାର ଗ୍ରସ୍ତଜୀବ, କ୍ଳେଶ ଭାରରେ ଜର୍ଜରିତ ଜୀବ -ଭବବନ୍ଧନେ ଜଡ଼ିତ ଜୀବ ଭବ ସବୁଦ୍ରରେ ଉବୁଡୁବୁ ହେଉଛି; ତାପ, ଭୟ ଶୋକରୁ ଏକାନ୍ତ ଭାବେ ମୁକ୍ତ ହୋଇ କିପରି ବାହାରି ଆସିବ ତାହା ଜାଣେନା । ଜୀବ ସଂସାରର ଦୁଃଖ, ଶୋକ, ବ୍ୟାଧିଯନ୍ତ୍ରଣା ମଧ୍ୟେ ପଡ଼ିଛି । ବିପଦଟା ଉପସ୍ଥିତ ହୋଇଛି, ତାହା ବୁଝିପାରୁଛି; ଅଥଚ କିରୂପେ ତାକୁ ଜୟ କରିପାରିବ; ତା ଯାଣେ ନାହିଁ । ଏଇ ଅନର୍ଥ ବହ ଶରୀରଟା ବ୍ୟାଧି କ୍ଷୁଦା ଆଣେ ଏବଂ ଇନ୍ଦ୍ରିୟବୃତ୍ତି ପରିଚାଳନାରେ

ଉତ୍ତେଜିତ କରେ । ଶରୀରଟା ଅନର୍ଥ ଆଣେ (ଶରୀରମ୍ ବ୍ୟାଧି ମନ୍ଦିରମ୍) । ଶରୀର ନ ଥିଲେ, ଖାଇବା ପିଇବା, ବିଶ୍ରାମ ମୃତ୍ୟୁ ଇତ୍ୟାଦି ହେବ ନାହିଁ । ସ୍ତ୍ରୀପୁତ୍ର ପ୍ରତି ମୋହ ହେବ ନାହିଁ । ନାନାପ୍ରକାର ଅନର୍ଥ ବହ ଶରୀର ଠାରୁ ମୁକ୍ତି ପାଇବାର ଉପାୟ କ'ଣ ?

ଏଭଳି ବଦ୍ଧ ଜୀବର ମୁକ୍ତି ନିମିତ୍ତ ଭଗବାନ କୃପାପରବଶ ହୋଇ ଲୀଳା ବିସ୍ତାର କରିଛନ୍ତି । ତାଙ୍କର ଲୀଳା ବୈକୁଣ୍ଠ ଗୋଲୋକ ଧାମରେ । ଆମ୍ଭେ ଭୂଲୋକବାସୀ ସକୁଣ୍ଠ ଜଗତର ଅଧିବାସୀ, ବୈକୁଣ୍ଠବାସୀର ପସନ୍ଦ-ଅପସନ୍ଦ, କ୍ରିୟା-କାରଖାନା, ଇଚ୍ଛାଅନିଚ୍ଛା ଯାଣିବା କିପରି ? ସେ ଅଛନ୍ତି ଅମୃତ ଧାମେ, ଆମ୍ଭେ ଅଛନ୍ତି ମର୍ତ୍ତ୍ୟଧାମରେ । ବୈକୁଣ୍ଠଲୀଳା ଜୀବ ପକ୍ଷେ ଅଲଭ୍ୟ, ଅଗମ୍ୟ । ତାଙ୍କଲୀଳା ଯାଣିଲେ ତେବେ ସେବା ଅନୁଶୀଳନ କରିପାରିବା । ଏଥି ନିମିତ୍ତ ସେ ଅବତାର ପରିଗ୍ରହ କରି ରାମ, କୃଷ୍ଣ, ଗୌର ରୂପେ ଭୌମ ପ୍ରପଞ୍ଚେ ଲୀଳା ପ୍ରକାଶ କରି କରୁଣା ବିତରଣ କରିଛନ୍ତି । ଅନ୍ଧକାରେ ନିମଜ୍ଜିତ ଜୀବର କଲ୍ୟାଣେ ଆଲୋକ ଜାଳି ଦେଇଛନ୍ତି । କି ଆଲୋକ ସେ ଜାଳିଦେଲେ ? ତାଙ୍କ ଲୀଳାରୂପ ଆଲୋକ । ତାଙ୍କ ଲୀଳା କହିଲେ ନାମ , ରୂପ, ଗୁଣ, ଦୟା, କ୍ଷମା ଓ କରୁଣାର ପ୍ରକାଶ । ନିତ୍ୟଧାମରେ ଯାହାଅଛି, ତାହା ଶୁଣିବାକୁ ପାଉନା, ସ୍ମରଣ କରିପାରୁନା - ଜୀବର ଏ ଅସହାୟ ଅବସ୍ଥା ଦେଖି ଏ ମାଟିର ପୃଥିବୀରେ Material world (ବସ୍ତୁବାଦିଜଗତ) ରେ ସେ ଅବତାର ପରିଗ୍ରହ କରିଛନ୍ତି- ରାମଚନ୍ଦ୍ର ରୂପେ କୃଷ୍ଣ ରୂପେ ଗୌର ସୁନ୍ଦର ରୂପେ । ଏ ଭୌମ ପ୍ରପଞ୍ଚେ, ତାଙ୍କ ନାମ, ରୂପ, ଗୁଣ, ଲୀଳା, ଦେଖାଗଲା, ବୁଝାଗଲା, ଶୁଣାଗଲା । ନାମ, ରୂପ, ଗୁଣ-ଲୀଳାର ଶ୍ରବଣ କୀର୍ତ୍ତନ ମାଧ୍ୟମରେ ଲୀଳା ରସାମୃତ ପାନ କଲେ ସଂସାର ରୂପ ଦୁସ୍ତର ସାଗରକୁ ପାରି ହୋଇଯାଏ ।

ତାଙ୍କ ଅପ୍ରକଟ କାଳେ ଶ୍ରୀ ନାମାବତାର ଓ ଶ୍ରୀ ଅର୍ଚ୍ଚାବତାର ନିତ୍ୟ ବିରାଜମାନ ।

କେହି କହିପାରେ ରାମଚନ୍ଦ୍ର ଆସିଛନ୍ତି ତ୍ରେତା ଯୁଗେ, କୃଷ୍ଣ ଆସିଲେ ଦ୍ୱାପରେ, ଗୌର ସୁନ୍ଦର ଆସିଲେ କଳିକାଳେ ୪୭୯ ବର୍ଷ ପୂର୍ବେ ଆମେ ବିଂଶ ଶତାବ୍ଦୀର ମଝାମାଝି ସମୟର ମଣିଷ । ବର୍ତ୍ତମାନ ତ କୌଣସି ଲୀଳା ନାହିଁ । ଆମେ କିଭଳି ଭଗବାନଙ୍କର କେଉଁଲୀଳା ଶ୍ରବଣ କରି ଭବସାଗର ଉତ୍ତୀର୍ଣ୍ଣ ହୋବା କିନ୍ତୁ ଏବେ ତାଙ୍କ ନାମାବତାର ଅର୍ଚ୍ଚାବତାର ବୀରାଜମାନ । ଏଗୁଡ଼ିକ କୌଣସି ଯୁଗ ବିଶେଷର ନୁହେଁ, ସର୍ବଦା, ସର୍ବକାଳେ, ସର୍ବକ୍ଷଣ ନାମ ରୂପେ ଅବତୀର୍ଣ୍ଣ ହୋଇଛନ୍ତି । କୃଷ୍ଣ ନାହାନ୍ତି - କିନ୍ତୁ କୃଷ୍ଣ ବିଗ୍ରହ ଅଛନ୍ତି ।

"ନାମ, ବିଗ୍ରହ, 'ସ୍ୱରୂପ' - ତିନ ଏକରୂପ"        ଶ୍ରୀ ଚୈ.ଚ.ମ. ୧୭/୧୩୧ ।

ଭଗବାନଙ୍କର ଏଇ ଲୀଳାବତାର ଜୀବ ପ୍ରତି କରୁଣା ବଶତ ହୋଇଥାଏ । ନାମ, ଅର୍ଚ୍ଚା ଇତ୍ୟାଦି ଲୀଳାବତାର ପ୍ରକାଶ କରି ଅନ୍ଧକାରେ ପ୍ରଦୀପ ଜାଳି ଦେଇଛନ୍ତି - ନିଜକୁ reveal (ପ୍ରକାଶ)କରିଛନ୍ତି । ଧରା ଦେଇଛନ୍ତି । ସେଇ ଭଗବାନଙ୍କର ଶ୍ରୀ ଚରଣ କମଳେ ଯଦି ପ୍ରସନ୍ନ ହେବ, ତା ହେଲେ ସମସ୍ତ ସମସ୍ୟାର ସମାଧାନ ହେବ, ଭବ ବନ୍ଧନ କଟିଯିବ ।

ଏ ପ୍ରସଙ୍ଗରେ ଶ୍ରୀମଦ୍‌ଭାଗବତର ଆଉ ଗୋଟିଏ ଶ୍ଳୋକ ଅନୁଧାବନୀୟ ।

"କୁତୋଽଶିବମ୍ ତ୍ୱଚ୍ଚରଣାମ୍ବୁଜାସବଂ ମହନ୍ମନ୍ତେ, ମୁଖ ନିଃସୃତଂ କ୍ୱଚିତ ।
ପିବନ୍ତି ଯେ କର୍ଣ୍ଣ ପୁଟୈରଲଂ ପ୍ରଭୋ ଦେହଭୃତାଂ ଦେହକୃଦ ସ୍ମୃତିଚ୍ଛିଦମ୍ ।।" (ଶ୍ରୀ.ଭା. ୧୦/୮୩/୩)

ଜୀବ ଅତୀବ ଅସୁବିଧା ଦ୍ୱାରା ଆକ୍ରାନ୍ତ । ଯେଉଁମାନେ ଭଗବାନଙ୍କ ଚରଣାମ୍ବୁଜର ମଧୁପାନ କରିବେ; ସେମାନଙ୍କର ସମସ୍ତ ଅକଲ୍ୟାଣ ଦୂରୀଭୂତ ହେବ । ସମସ୍ତ ଅସୁବିଧାର ବିନାଶ ହେବ । ତୁମ ଚରଣାମୃତ, ନାମାମୃତ, କୃପାମୃତ, ଲୀଳାମୃତ, ପରିକରାମୃତ - ସବୁ ହିଁ ଅମୃତମୟ । ତୁମ ନାମରେ କି ଆକର୍ଷଣ, କି ଚୁମ୍ବକର ଶକ୍ତି ନିହିତ ଅଛି, ଯେ ଜାଣିଛି, ସେ ଜାଣିଛି । ତୁମ ରୂପ ଦେଖିଲେ ଛାଡ଼ିଯିବାକୁ ଇଚ୍ଛା ହେବ ନାହିଁ । ଇଚ୍ଛା କରେନା ନାମର ମାଳାଟିଏ ଛାଡ଼ିଦେବାକୁ । ନିତାନ୍ତ ଅନିଚ୍ଛା ସତ୍ତ୍ୱେ ଓ ସାଂସାରିକ କାର୍ଯ୍ୟ ନିମିତ୍ତ ଉଠିବାକୁ ହୁଏ; କିନ୍ତୁ ତୁମ ନାମ ଛାଡ଼ି ରୂପ ଛାଡ଼ି ଯିବାର ଉପାୟ ନାହିଁ । ଯେକୌଣସି ଦିନ କୌଣସି ସମୟରେ ତୁମର କଥାମୃତ କର୍ଣ୍ଣପୁଟ ପାନ କରିଛି; ଜୀବନଭରି ତୁମର ନାମରେ, ତୁମର ରୂପରେ ମଜ୍ଜି ଯାଇଛି । ଜୀବନର କୌଣସି ଏକ ଶୁଭକ୍ଷଣେ ତୁମର ଅମୃତ ମାଧୁରୀ ପାନ କରାଯାଏ; ତା'ହେଲେ ଚିରକାଳ ତା'ର ଦୁଃଖ ଚାଲିଯାଏ - ସେ ଅମୃତର ସ୍ପର୍ଶରେ ସଂଜୀବିତ ହୁଏ ।

"ଯାଏ ସକଳ ବିପଦ, ଭକ୍ତିବିନୋଦ, ବଲେନ ଯଖନ ଏ ନାମ ଗାଇ ।"

ଭଗବତାମୃତ ଯଦି କେହି ପାନ କରିବାକୁ ପାଏ, ତା'ର Problems କେଉଁଠି ? ସଂସାରର ବନ୍ଧନ କେଉଁଠି ? ଏଇ କଥାମୃତ ଯଦି ମହାଜନଙ୍କ ମୁଖ ନିସୃତ ହୋଇଥାଏ । ମହାଜନ ମୁଖନିସୃତ ହରିକଥାମୃତ ଶ୍ରବଣ କରି ସମସ୍ତ ଅଶିବ ଚାଲିଯାଏ; ତାର ମାଧୁର୍ଯ୍ୟ କୋଟି ଗୁଣ ବଢ଼ିଯାଏ । କୌଣସି ଲାଭାଲାଭର ପାଇଁ ନୁହେଁ, କୌଣସି ପ୍ରତିଷ୍ଠାର ପାଇଁ ନୁହେଁ କୌଣସି ପ୍ରମାଣ ପାଇଁ ନୁହେଁ, ମହାଜନ ତାଙ୍କର ସର୍ବାନ୍ତ କରଣେ ଯେତେବେଳେ ତାଙ୍କ ପ୍ରାଣର ଠାକୁରଙ୍କ କଥା କହେ; ସେତେବେଳେ ତାର ତାତ୍ପର୍ଯ୍ୟ ବଢ଼ିଯାଏ । କୃଷ୍ଣ କଥାରେ ହିଁ ଶକ୍ତି ନିହିତ ଅଛି । ଭାଗବତ କଥାର ଶକ୍ତିଅଛି । କିନ୍ତୁ ଯେତେବେଳେ ଶ୍ରୀ ଶୁକଦେବ ଗୋସ୍ୱାମୀ କୃଷ୍ଣ କଥା କହିଛନ୍ତି, ସେତେବେଳେ ତାଙ୍କ ଗୁରୁ ଗମ୍ଭୀର ତାତ୍‌ପର୍ଯ୍ୟ ଅନୁଧାବନୀୟ । ଏ ରକମ ଘଟଣା ଅବଶ୍ୟ Rare (ବିରଳ); ତଥାପି ଏଥିରେ ବିଶେଷ efficsy (ଫଳପ୍ରଦାନ ଶକ୍ତି) । ମହାଜନଙ୍କ ହୃଦୟ ମନ୍ଦିରେ ଭଗବାନ ନିତ୍ୟ ବିରାଜମାନ । ସେ ତାଙ୍କ ଅନ୍ତରର ଠାକୁରଙ୍କୁ ଶବ୍ଦରୂପେ ବାହାରେ ପ୍ରକାଶ କରନ୍ତି । ଯେ ଭଗବାନଙ୍କ ସେବାରେ ସର୍ବକ୍ଷଣ ଆତ୍ମନିମଗ୍ନ, ଯେ 'ଗୋରା' ଛଡ଼ା ଆଉ କିଛି ଯାଣେନା, ସେ ଯେତେବେଳେ ଆବେଗ ସଂଗେ, ଆଦର ର ସଙ୍ଗେ ଭଗବାନଙ୍କ ସୁଖ ନିମିତ୍ତ ଶବ୍ଦ ରୂପେ ପ୍ରକାଶ କରେ; ସେହି ଶବ୍ଦ ରସକୁ ଯେ ଆକଣ୍ଠ ପାନ କରେ, ତାର ଅମଂଗଳ କେଉଁଠି ?

ଆବେଗ ଭରା ତାର କଥା କୀର୍ତ୍ତନ ଦୁର୍ଲଭ ଅଟେ । କିନ୍ତୁ କେହି ଯଦି ସେ ସୁଯୋଗ ପାଏ, ସେଭଳି ବ୍ୟକ୍ତିର ଅମଂଗଳ ନଥାଏ । ଯଦି ଭଗବାନଙ୍କର ନିଜ ଜନ ପ୍ରାଣର ରସମାଖି ଭାଗବତ-କଥାମୃତ ପିରବେଶଣ କରେ; ତେବେ ତାର ସୁଷ୍ଠୁ ଭାବେ, ସମଗ୍ର ଭାବେ ପାନ କରିଲେ ଭବ ମହାଦାବାଗ୍ନି ନିର୍ବାପିତ ହୁଏ । ଆମେ ଦେହଧାରି ବଦ୍ଧଜୀବ । ଦେହୀର ଦେହ ଜନିତ ଅସ୍ମୃତି । ଦେହର କଥା ସ୍ମରଣ କରି ଭଗବାନଙ୍କ କଥାଭୂଲିଛି । ଦେହ ଥିବାରୁ

ଭଗବାନଙ୍କର ଅସ୍ମୃତି, ମୋହ, ଦେହର ଚିନ୍ତାରେ ମଗ୍ନ ହୋଇଛି – ଭଗବାନଙ୍କର ଚିନ୍ତା ଭୁଲିଛି । ଦେହର ଏହି ବନ୍ଧନ ଛେଦ କରିଦିଏ ତୁମର କଥାମୃତ ଲୀଳାମୃତ । ତୁମର ସ୍ମୃତି ଯାଗ୍ରତ କରେ । "ଅବିସ୍ମୃତିଃ କୃଷ୍ଣପଦାର ବିନ୍ଦୟୋଃ । (ଶ୍ରୀ ଭା. ୧୨/୧୨/୧୫) ମହାଜନ ମୁଖ ନିଃସୃତ ଭାଗବତ କଥା ଶ୍ରବଣ କଲେ ଭଗବତ୍ ବିସ୍ମୃତି ନାଶକରେ, ଦେହର ଚିନ୍ତା ନାଶକରେ, ଭଗବାନଙ୍କ ଠାରେ ଅମୀୟ ସ୍ମୃତି ହୃଦୟ କନ୍ଦରେ ଜାଗିଉଠେ ।

ସୁତରାଂ ଭବସମୁଦ୍ରକୁ ପାର ହେବାକୁ ହେଲେ ଭଗବତ୍ କଥାମୃତ ଏକମାତ୍ର ଆଶ୍ରୟସ୍ଥଳ, ନିର୍ଭୟସ୍ଥଳ । ଭଗବାନଙ୍କର ଅମୃତମୟଲୀଳା ସମୁଦ୍ରେ ବୁଡ଼ଦେବାକୁ ହେବ, ମହତର ଗୋପନୀୟ କଥା ଶୁଣି ଯୁଗ ଯୁଗାନ୍ତର ନିଦ୍ରା ଭଂଗ ହୁଏ । ଅଜ୍ଞାନ ଅନ୍ଧକାର କଟିଯାଏ- ଜୀବ ଆନନ୍ଦ ସାଗରେ ବୁଡିଯାଏ ।

× × × × ×

(ଯଇଦମୁନୁ ଶୃଣୋତି ଶ୍ରାବଣ ଯେଦ୍ଧା ମୁରାରେଷ୍ଟ ରିତମ୍ ।

× × × × × ×

ମୃତ କୀର୍ତ୍ତେବ ନୁତଂ ବ୍ୟାସ ପୁତୈଃ ।

× × × ×

ଜଗଦଭିଦଳଂ ତତ୍କ୍ତ ସତ୍କର୍ଣ୍ଣପୂରଂ ଭଗବତି

× × × × ×

କୃତ ଚିତ୍ତୈଯାତି ଭୃତ୍କ୍ଷେମ ଧାମ) ।

× × × ×

ଯଇଦମନୁଶ୍ରୁଣୋତି ଶ୍ରାବୟେଦ୍ଧା ମୁରାରେଶ୍ଚରତମ୍
ମୃତକୀର୍ତ୍ତେବିଣତଂ ବ୍ୟାସପୁତ୍ରୈଃ
ଜଗଦଘଭିଜଳଂ ତଭକ୍ତସତ୍କର୍ଣ୍ଣପୁରଂ ଭଗବତି
କୃତବିତ୍ତୋଯାତି ତତକ୍ଷେମ ଧାମ ।" -ଶ୍ରୀ.ଭା., ୧୦/୮୫/୫୯

ଭଗବାନଙ୍କର କଥାମୃତ ଯେ ଆନୁଗତ୍ୟେର ସଂଗେ ଶ୍ରବଣ କରେ, ତାଙ୍କ ଆଦେଶ ଉପଦେଶ ପାନଳ କରିବାର ଇଛାନେଇ ଅନୁକ୍ଷଣ ନିଷ୍ଠାର ସଙ୍ଗେ ନିୟମ କରି ଶ୍ରବଣ କରେ, ତାର ସଂସାର ଜ୍ୱାଳା ଦୂରୀଭୂତ ହୁଏ । ନିଜେ ଶୁଣିଛି କମ୍ବା ଅପରକୁ ଶୁଣାଉଛି, ସେ ଶ୍ରବଣ କରେ ବା କୀର୍ତ୍ତନ କରେ । ଖବର କାଗଜର କଥା ନୁହେଁ, ଗ୍ରାମ୍ୟ କଥା ନୁହେଁ, ଦେଶର କଥା ଓ ଦଶର କଥା ନୁହେଁ, ମୁରାରୀର କଥା ଯେ ଶୁଣେ ବା ଶ୍ରବଣ କରାଏ- ଅର୍ଥାତ୍ Politics (ରାଜନୀତି) Science (ବିଜ୍ଞାନ, ନାଟକ, ଉପନ୍ୟାସ, ସାହିତ୍ୟର କଥା ନୁହେଁ-

"ଜଡ଼ କାବ୍ୟରସୋ ନହି କାବ୍ୟରସଃ ।" (ଶ୍ରୀ ଗୋଦ୍ରୁମଚନ୍ଦ୍ର ଭଜନୋପଦେଶ – ୪)

ଜଡ଼ କାବ୍ୟ ଅବସାଦ ଆଣେ, ପରିଣାମେ ଦୁଃଖ ଆଣେ । ଜଡ଼ରସାତ୍ମକ କାବ୍ୟ ପରିଣାମେ ଦୁଃଖକର; ଅମୃତ ଆଣେନା । ଜଡ଼କାବ୍ୟ ଆପାତଃତ୍ ମଧୁର ।

ଯେ ମୁରାରୀ ଚରିତ କଥା ଶୁଣେ ବା କହେ, ସେ ଧନ୍ୟ । ଅମୃତ କୀର୍ତ୍ତି ମୁରାରୀଚରିତ – ଯେତେ ଶୁଣିବ,

ସେତେ ବୈକୁଣ୍ଠର ପଥେ ଅଗ୍ରସର ହେବ, ସେତେ ଶାନ୍ତି, ସେତେ ଆନନ୍ଦର ବନ୍ୟା ଆସିବ ।

ବ୍ୟାସ ପୁତ୍ର ଶ୍ରୀ ଶୁକଦେବ ଗୋସ୍ୱାମୀ ଯେତେ ବେଳେ ଅମୃତ ଚରିତ କଥା କହିଛନ୍ତି, ସେତେବେଳେ ତାର ମିଷ୍ଟତା ଅନେକ ଗୁଣ ବେଶି । ଶ୍ରୀ ଶୁକଦେବ ଗୋସ୍ୱାମୀ ଯେ ଭାବେ ଲୀଳାମୃତ ପରବେଷଣ କରିଛନ୍ତି, ସେଇଭାବେ ସେଇ ପ୍ରୀତିନେଇ ତୁମେ ଯଦି ଶୁଣ ବା କୁହ; ତା' ହେଲେ ଜଗତର ସମସ୍ତ ଅପବିତ୍ରତା, ଦୁଃଖତାପ ବିନିଷ୍ଟ ହେବ । ହୃଦୟ ଜଗତର ଅନ୍ଧକାର ନାଶ କରି ବର୍ହିଜଗତର ଜଂଜାଳ ମଧ୍ୟ ନାଶ କରିବ । ଯେଉଁ ଦେଶେ ହରିନାମାମୃତ ବର୍ଷିତ ହେବ, ସେଇ ଦେଶଟିର ଜଂଜାଳ କଟିଯାଏ - ବ୍ୟକ୍ତିର - ହୃଦୟ ଗୁହା ନିର୍ମଳ ହୋଇଥାଏ । ଯେଉଁଠାରେ ଭଗବତ୍ କଥାହୁଏ ସେଠାକାର ଧୂଳିମଧ୍ୟ ପବିତ୍ର ହୋଇଯାଏ । ହୃଦୟ ଜଗତର ପାପ ନାଶ ହୋଇଯାଏ, ଅନ୍ୟର ପାପ ମଧ୍ୟ ଦୂରିଭୂତ ହୁଏ ।

ଏଠାରେ politics (ରାଜନୀତି) ର କଥା ନୁହେଁ, politics କିମ୍ବା Communism ଏକଥା ନୁହେଁ । politics ର କଥା Loud Speaker ଦେଇ ଯେତେ ଚତ୍‌କାର କରିକୁହ, ସେତେ Malice ସେତେ ଦୁଃଖ ବିପଦ, ଝଗଡ଼ା ବିବାଦର ଉତ୍‌ପତ୍ତି । ଭଗବତ୍‌କଥା ଯେତେ ଶୁଣିବ ସେତେ ଆନନ୍ଦ ପାଇବ ।

ଆଉ ତୁମେ ଯଦି ଭକ୍ତ ହୋଇଥାଅ, ତାହେଲେ ସୁନାର ସୋହାଗ । କାରଣ ଭକ୍ତର ମନରେ କୌଣସି prejudice (ପକ୍ଷପାତିତା, ଅସହିଷ୍ଣୁତା) ନାହିଁ,ତାର ହୃଦୟନିର୍ମଳ । ଭକ୍ତ ଜନ ମୁରାରୀଙ୍କର ଅମୃତ କୀର୍ତ୍ତି କୀର୍ତ୍ତନ କରେ । ଭକ୍ତର କର୍ଣ୍ଣପୁର କର୍ଣ୍ଣକୁ ନନ୍ଦିତ କରେ - ସୁଖୀକରେ ।

ଭଗବାନଙ୍କର କଥା ଶୁଣଲେ ହସିଥାଏ ମାଟିରେ ଗଡ଼ିଯାଏ, କାନ୍ଦେ । ଭଗବତ୍ କଥା, ଭକ୍ତ ହୃଦୟକୁ ପ୍ଲାବିତ କରେ, ପୁଲକିତ କରେ ଅଷ୍ଟସାତ୍ତ୍ୱିକ ବିକାର ଆଣେ । ମୁରାରୀ ଚରିତ କଥା ଯେତେବେଳେ ଶ୍ରବଣ କରେ ସେତେବେଳେ "ଭଗବତି-କୃତଚିତ୍ତ" ଭଗବାନଙ୍କ ଠାରେ ତାର ଚିତ ନିମଗ୍ନ ହୋଇଯାଏ: ସଂସାରର କଥା ଆଉ ଭଲ ଲାଗେନା ଯେତେବେଳେ କେଉଁଠି ଭଗବାନଙ୍କର କଥାହୁଏ ସେଠାକୁ ମନପ୍ରାଣ ଛୁଟିଯାଏ । ଏପରି ଭାବେ ଭଗବାନଙ୍କର କଥା ଶୁଣି ଶୁଣି ଭଗବତ୍‌ଧାମକୁ ଚାଲିଯାଏ । ତାର ନରକ ବାସ ଭୂଲୋକ ବାସ ହୁଏନା ।

ଭଗବାନ ଯେ ଗିରିଧାରଣ କରିଥିଲେ - ଏ ଏକ ଅପୂର୍ବ ଲୀଳା ।

ଇନ୍ଦ୍ର ବାରି ବର୍ଷଣେ ଗୋକୁଳ ପ୍ଲାବିତ କରିଛନ୍ତି, କୃଷ୍ଣ ଚନ୍ଦ୍ର ଝଗଡ଼ା କଲେ ନାହିଁ ବା ମାରିବାକୁ ଗଲେ ନାହିଁ, ସେ କନିଷ୍ଠ ଆଙ୍ଗୁଳିରେ ଗିରିଧାରଣ କଲେ । କିମ୍ବା ଦାମୋଦର ଲୀଳା କଥା ଧରାଯାଉ । ଯଶୋଦା ଦେବୀଙ୍କର ସେବା ବୃତ୍ତିରେ ମୁଗ୍ଧହୋଇ କୃଷ୍ଣ ଦଉଡ଼ିରେ ବନ୍ଧାହେଲେ; ତାଙ୍କର ଅଧୀନ ହୋଇ ରହିଲେ । ଏଇଯେ ଲୀଳାକଥା, ବାଳ ଚରିତ କଥା, ନାମ, ରୂପ-ବିଗ୍ରହ ମହିମାର କଥା ଶ୍ରବଣ କୀର୍ତ୍ତନ କରିଲେ ଜୀବର ସଂସାର ବନ୍ଧନ, ଯାବତୀୟ ସମସ୍ୟା ଦୂରିଭୂତ ହୁଏ । ଏଇଲୀଳାକଥା ଶ୍ରବଣ କଲେ ପରମହଂସ ଗଣଙ୍କର ପ୍ରାପ୍ୟ ବୈକୁଣ୍ଠ ଧାମ ଜୀବର ଲକ୍ଷ ହୁଏ । ଭଗବାନ ଶ୍ରୀହରିଙ୍କର ବାଳଚରିତ କଥା ଅତ୍ୟନ୍ତ ମଙ୍ଗଳପ୍ରଦ । ତାର ମଧ୍ୟେ ନାମ ଲୀଳାଟି ପାପଗ୍ରସ୍ତତା, ଅନର୍ଥଗ୍ରସ୍ତତା ବେଶି କରି କାଟିଦିଏ । ଏଥିରେ ଆହୁରି ବେଶି ପାଇବା ନିମିତ୍ତ ଶ୍ରୀ ଗୌର ସୁନ୍ଦର ଏଇନାମ ସେବା ପ୍ରବର୍ତ୍ତନ କରିଛନ୍ତି ।

=====

# ଆଚାର୍ଯ୍ୟ ମର୍ଯ୍ୟାଦା

**ଶ୍ରୀଳ ଗୁରୁଗୋସ୍ୱାମୀ ଠାକୁର**



ପୂର୍ବ ପ୍ରକାଶିତ ପରେ....

ଅବଶ୍ୟ ଯିଏ ଆଚାର୍ଯ୍ୟ ହୁଅନ୍ତି ଅମର୍ଯ୍ୟାଦା ସହନ ବିଷୟରେ ମଧ ତାଙ୍କର ଆଚରଣରେ କୌଣସି ତୃଟି ନ ଥାଏ । ଭକ୍ତିର ଅନ୍ୟାନ୍ୟ ସାଧନାଙ୍ଗ ଆଚରଣ ବିଷୟରେ ସେ ଯେମିତୀ ପଟୁ ସେମିତି ସହନଶୀଳ ଧର୍ମରେ ସେ ପୂର୍ଣ୍ଣ । ବଦ୍ଧଜୀବ ବା ଅନର୍ଥଗ୍ରସ୍ଥ ସାଧକ କର୍ତ୍ତୃକ ପ୍ରଦତ୍ତ ଅମର୍ଯ୍ୟାଦା ହଜମ କରିବା ବଷୟରେ Hundred percent (ଶତପ୍ରତୀଶତ) ଦକ୍ଷ । କାରଣ ନିଜେ ମର୍ଯ୍ୟାଦା ପାଇବା ଅପେକ୍ଷା ଶ୍ରୀହରିଙ୍କ ମର୍ଯ୍ୟାଦା ସ୍ଥାପନ କରିବା କାର୍ଯ୍ୟରେ ବ୍ୟସ୍ତତା ତାଙ୍କର ଅନେକ ବେଶୀ । ମର୍ଯ୍ୟାଦା ପାଇବାର ଲୋଭ ଗୁରୁଦେଦବଙ୍କର ନାହିଁ ବା ମର୍ଯ୍ୟାଦା ଶିକ୍ଷା ଦାନଟି ମଧ ତାଙ୍କର ମୁଖ୍ୟ ସେବା ନୁହେଁ । ଶ୍ରୀହରିଙ୍କ ସନ୍ତୋଷ ବିଧାନ, ହରିସେବାରେ ମର୍ଯ୍ୟାଦା ସଂରକ୍ଷଣ ତାଙ୍କର ମୁଖ୍ୟ କାର୍ଯ୍ୟ । ଶ୍ରୀହରିଙ୍କ ତୋଷଣପର କାର୍ଯ୍ୟ ତାଙ୍କର ସମସ୍ତ ବ୍ୟସ୍ତତାର ମୂଳ କାରଣ ଏବଂ ଉକ୍ତ କାର୍ଯ୍ୟରେ ସାଧକ ଜୀବକୁ ନିଯୁକ୍ତ କରିବାହିଁ ତାଙ୍କର ମୁଖ୍ୟ ସେବା ।

ଶ୍ରୀ ହରିଙ୍କ ସେବା ବିଳାସ ଏ ଜଗତରେ ପ୍ରକାଶ କରିବାକୁ ଆସି ବାସ୍ତବରେ କ'ଣ ସେ ପାଆନ୍ତି ? ତା'ର ପୁରସ୍କାର କି ଏଇଟା ଯେ କେବଳ ଅନର୍ଥଗ୍ରସ୍ଥ ଅନଧିକାରୀ ସାଧକର ନିକଟରୁ ପୁନଃପୁନଃ ଅଶ୍ରଦ୍ଧା ଓ ଅମର୍ଯ୍ୟାଦାର ପୀଡ଼ା ? ତା ନୁହେଁ ବଦ୍ଧ ଜୀବ ବା ସାଧକଙ୍କ ପ୍ରତି ଏମଧ ତାଙ୍କର ଏକ କୃପା ବା ଆଚରଣ ମୁଖେ ପ୍ରଚାର । ସେ କେତେସହିଷ୍ଣୁ, କେତେ ଉଦାର ତାହା ଆମ୍ଭମାନଙ୍କୁ ଶିକ୍ଷାଦିଅନ୍ତି ଏହାର ମାଧମରେ । ତୃଣା ଦପି ସୁନିଚ ତରୁଭଳି ସହିଷ୍ଣୁତାର କଥା ଗ୍ରନ୍ଥପୃଷ୍ଠାରେ ବା ଶ୍ଳୋକ ଶବ୍ଦରେ ଥାଇପାରେ ତା'ର ଜୀବନ୍ତ କିନ୍ତୁ ଗୁରୁଦେବଙ୍କ ମାଧମରେ ହିଁ ଦେଖାଯାଏ । ଅତି ଭାଗ୍ୟବାନ ସାଧକ ବ୍ୟତୀତ ସମସ୍ତେ ବୁଝି ପାରନ୍ତି ନାହିଁ । ମାୟାମୟ ଏଇ ସଂସାରରେ କାଦୁଅ ପଙ୍କ ମଧ ଦେଇ ଗୁରୁଦେବଙ୍କୁ ଭଜନ ଶିକ୍ଷା ଦେବା ନିମନ୍ତେ ଅବସ୍ଥାନ କରିବାକୁ ହୁଏ । ହରିଙ୍କ ସୁଖକର ସେବାରୁ କାରଣରୁ ସେ ତାହା ସ୍ୱୀକାର କରନ୍ତି କିନ୍ତୁ ବିନିମୟରେ ସେ କ'ଣ ବା ପାଆନ୍ତି ଏବଂ କେତେ ଟିକିଏ ବା ପାଆନ୍ତି । ବାହାରେ ଟିକିଏ ପ୍ରଣାମ, ଆରତି, ସ୍ତୁତି, ତା ଠାରୁ ଅନେକ ବେଶୀ ଦୁଃଖ କ୍ଳେଶ ଓ ପ୍ରତିକୂଳତା ସହ୍ୟ କରିବାକୁ ହୁଏ ତାଙ୍କୁ ।

ଶିଷ୍ୟ ଜୀବନରେ ଗୁରୁଦେବଙ୍କର ମର୍ଯ୍ୟାଦା ସଂରକ୍ଷଣ କରିବା ମୁଖ୍ୟ କାର୍ଯ୍ୟ । ହରିଭଜନ ବା ହରି ସେବା ତା'ର ଜୀବନର ପରବର୍ତ୍ତୀ ପର୍ଯ୍ୟାୟର କଥା । ଗୁରୁ-ବୈଷ୍ଣବଙ୍କ ମର୍ଯ୍ୟାଦା ସଂରକ୍ଷଣ କି ମଠବାସୀ ସେବକ ଅଥବା କି ଗୃହସ୍ଥ ଭକ୍ତ ସମସ୍ତଙ୍କ ହିଁ ପ୍ରଥମ କାର୍ଯ୍ୟ । ଏହାର ଯେଉଁଠି ତ୍ରୁଟି ସେ ସ୍ଥାନରେ ଭକ୍ତିଦେବୀଙ୍କ ଚରଣରେ ଅପରାଧ, ଅନ୍ୟ କିଛିର ଅସୁବିଧା ନାହିଁ । ଲାଭ-ପୂଜା-ପ୍ରତିଷ୍ଠା ଅଥବା ଅର୍ଥ ଜମା କରିବା ବିଷୟରେ କୌଣସି ଅସୁବିଧା ନାହିଁ ।

ଏଗୁଡ଼ିକ ଭକ୍ତିର ଅବାସ୍ତବ ଫଳ, ସେଗୁଡ଼ିକ ସାଧକ ଅନାୟାସେ ପାଏ । ଆଚାର୍ଯ୍ୟଙ୍କ ପ୍ରତି ମର୍ତ୍ତ୍ୟବୁଦ୍ଧି ପୋଷଣକାରୀ ବା ମର୍ଯ୍ୟାଦା ଲଂଘନକାରୀ ସାଧକର ଜନ୍ମ ଜନ୍ମାନ୍ତର ପାଇଁଭକ୍ତି ଲାଭ ବିଷୟରେ ଅନିଶ୍ଚୟତା । ଭକ୍ତି ରାଜ୍ୟରେ କେବଳ ଖାଇ ପିନ୍ଧି ବଞ୍ଚି ରହିବା ବା ଜୀବନ ରକ୍ଷା କରିବା ଓ ଅପରାଧ ଅର୍ଜନ କରିବା ଛଡ଼ା ଆଉ କୌଣସି କାର୍ଯ୍ୟ ଥାଏନା ତା'ର । ଧୀରେ ଧୀରେ ଏଇ ପଥରୁ ଚିରତରେ ବିଦାୟ ନେବାକୁ ହୁଏ ଏବଂ ସଂସାରରୂପ ଘୋର ନରକ କୂପେ ପୁନଃ ପତିତ ହେବାକୁ ହୁଏ ତାକୁ ।

ଆଚାର୍ଯ୍ୟ ପାଦ ପଦ୍ମକୁ ଆସି ତାଙ୍କ ଚରଣରେ ସୁଦୃଢ଼ ବିଶ୍ୱାସ ବା ଶ୍ରଦ୍ଧା ଜନ୍ମାଇବା ଦରକାର । ତାଙ୍କ ଆଶୟରେ ଆଶୟ ମେଳାଇବା ଏକାନ୍ତ ଦରକାର । ଆମ୍ଭେମାନେ ତାଙ୍କ ନିକଟରୁ କୃଷ୍ଣଦାସ ସୁଲଭ ନାମ ପାଇଛେ, ସାଧୁର ବେଶ ଭୂଷା ପାଇଛେ, ବୈକୁଣ୍ଠ ବସ୍ତୁ ହରିନାମ ତଥା ହରିସେବା ମଧ୍ୟ ପାଇଛୁ । କିନ୍ତୁ ଗୋଟିଏ ମଝବୁତ୍ କାଠରେ ଯେମିତି ଘୁଣ ଲାଗିଲେ କାଠର ସୌନ୍ଦର୍ଯ୍ୟ ବା ଶକ୍ତି ଉଭୟହିଁ ନଷ୍ଟ ହୁଏ ଅଥବା ଗୋଟିଏ ସୁନ୍ଦର କୋମଳ ବୃକ୍ଷ ବା ଲତା ମୂଳରେ କୀଟ ଦ୍ୱାରା ଆକ୍ରାନ୍ତ ହୋଇ ଯେମିତି ଶୁଖି ନଷ୍ଟ ହୁଏ, ଗୁରୁ ବୈଷ୍ଣବ ପ୍ରତି ଅମର୍ଯ୍ୟାଦା ପ୍ରଦାନକାରୀ ସାଧକ ଜୀବନ ଏକାଭାବେ ଶୋଭାହୀନ ହୋଇ ବିନାଶ ପ୍ରାପ୍ତ ହୁଏ । ବିନାଶ କହିଲେ ମୃତ୍ୟୁ ନୁହେଁ । ଭକ୍ତି ପଥରୁ ଚ୍ୟୁତି । ଏପରି ଦୁର୍ଦ୍ଦଶା ଯେମିତି ସାଧକ ଜୀବନରେ ନ ଆସେ ଏବଂ ଏଇପରି ସଂକ୍ରାମକ ବ୍ୟାଧି ଭକ୍ତି ରାଜ୍ୟରେ ପ୍ରଭାବ ବିସ୍ତାର କରି ନ ପାରେ ସେଥିପାଇଁ ସମସ୍ତେ ହିଁ ସଚେତନ ହେବା ଉଚିତ୍ ।

ଆଚାର୍ଯ୍ୟ ଆସନରେ ଯିଏ ଉପବିଷ୍ଟ ସିଏ ଗୁରୁ ସେ ପୂଜ୍ୟ ଓ ଆରାଧ୍ୟ । ସେ ସେବ୍ୟ, ଆଦରଣୀୟ ଓ ସମଗ୍ର ପ୍ରୀତିର ପାତ୍ର ତା ମଧ୍ୟରେ ଅନ୍ୟ କୌଣସି କଥା ନାହିଁ । ଗୁରୁଦେବ ଶ୍ରୀହରିଙ୍କ ପ୍ରିୟତତ୍ତ୍ୱ ଏବଂ ଆମ୍ଭମାନଙ୍କ ନିକଟରେ ସେ ପରମ ପ୍ରିୟତତ୍ତ୍ୱ । ଏକଥା ମର୍ମେ ମର୍ମେ ଉପଲବ୍ଧି ହେବା ଦରକାର । ସେ ଶିଷ୍ୟର ସର୍ବଶ୍ରେଷ୍ଠ ଭଲ ପାଇବା ବା ପ୍ରୀତିର ପାତ୍ର । ଯେଉଁ ପ୍ରୀତି ନେଇ ସଂସାର ବଦ୍ଧ ଜୀବ-ସ୍ତ୍ରୀ-ପୁତ୍ର-ପରିବାର ନେଇ ବନ୍ଧାହୋଇଥାଏ ତା' ଠାରୁ ବହୁ-ବହୁ ଗୁଣ ଅଧିକ ପ୍ରାଣବନ୍ତ ପ୍ରୀତି ଆଚାର୍ଯ୍ୟଙ୍କ ପ୍ରତି ଥିବା ଦରକାର । ନତୁବା ଅର୍ଥହୀନ ହୋଇଯାଏ । ଗୁରୁଦେବଙ୍କ ସଙ୍ଗରେ ଆମ୍ଭମାନଙ୍କର ଦେହ ସମ୍ବନ୍ଧ ନାହିଁ, ଆତ୍ମାର ସମ୍ବନ୍ଧ, ହୃଦୟର ସମ୍ବନ୍ଧ । କୌଣସି ପ୍ରକାର ହାଲ୍କା ବା ଭସାଭସା ପ୍ରୀତିରେ କୌଣସି କାର୍ଯ୍ୟ ହେବ ନାହିଁ । ଆମ୍ଭମାନଙ୍କର ପ୍ରୀତି ବା ଭଲ ପାଇବା ତାଙ୍କ ମର୍ଯ୍ୟାଦା ରକ୍ଷା ବିଷୟରେ ଶେଷ କଥା ଓ ଅସଲ କଥା ।

---

**'ପରମାର୍ଥୀ' ଗ୍ରାହକ ଭକ୍ତବନ୍ଧୁଙ୍କୁ ନିବେଦନ ବାର୍ଷିକ ଭିକ୍ଷା ଯଥା ସମୟରେ ପଇଠ କରି ଆମ୍ଭମାନଙ୍କୁ ଉତ୍ସାହିତ କରନ୍ତୁ । "ନିତାଇ ଗୌର ହରିବୋଲ" ।**

**- ମ୍ୟାନେଜର 'ପରମାର୍ଥୀ'**

# ଓଡ଼ିଶାର ଶ୍ରୀଚୈତନ୍ୟ ମନ୍ଦିର

(ପୂର୍ବ ପ୍ରକାଶନ ଉତ୍ତାରୁ...)

**ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ**

ଓଡ଼ିଶାର କେତେକ ପ୍ରସିଦ୍ଧ ମନ୍ଦିର ବେଢ଼ାରେ ମଧ୍ୟରେ ଶ୍ରୀ ଚୈତନ୍ୟ ଦେବଙ୍କ ବିଗ୍ରହ ପୂଜା ପାଉଛନ୍ତି ସେ ସମସ୍ତଙ୍କର ତାଲିକା ଏ ଯାବତ ଆମର ହସ୍ତଗତ ହୋଇ ନାହିଁ । ଯେତିକିର ସଂଧାନ ମିଳିଛି ସେଗୁଡ଼ିକ ହେଲା (୧) ପୁରୀ ଶ୍ରୀମନ୍ଦିର (୨) ଅଲାରନାଥ ମନ୍ଦିର (୩) ଓଡ଼ଗାଁ ଶ୍ରୀରଘୁନାଥ ମନ୍ଦିର (୪) କେନ୍ଦ୍ରାପଡ଼ା ଶ୍ରୀବଳଦେବଜୀ ମନ୍ଦିର (୫) ଭୁବନେଶ୍ୱର ନିକଟ ବାଳକାଟୀ ମଦନମୋହନ ମନ୍ଦିର ମଧ୍ୟରେ (୬) ଆଳି ବରାହଜୀଙ୍କ ମନ୍ଦିର (୭) ଖୋର୍ଦ୍ଧା-ମେଣ୍ଢାଶାଳ ଭଗବାନ୍ ବାସୁଦେବ ମନ୍ଦିର ବେଢ଼ାରେ ପୃଥକ୍ ମନ୍ଦିରରେ ଶ୍ରୀଚୈତନ୍ୟ ଓ ଶ୍ରୀଗୌର ନିତ୍ୟାନଂଦଙ୍କ ବିଗ୍ରହ , ରେମୁଣା କ୍ଷୀରଚୋରା ଗୋପୀନାଥଙ୍କ ମନ୍ଦିର ବେଢ଼ାରେ ଶ୍ରୀ ଚୈତନ୍ୟ ପାଦପଦ୍ମ ଆରାଧିତ ହେଉଛନ୍ତି । (୮) ପୁରୀ ଗୁଣ୍ଡିଚା ମନ୍ଦିର ନିକଟ ମହାପ୍ରଭୁଙ୍କ ବିଶ୍ରାମସ୍ଥଳୀରେ ସ୍ୱତନ୍ତ୍ର ଭବ୍ୟମନ୍ଦିରରେ ମହାପ୍ରଭୁଙ୍କ କମନୀୟ ବିଗ୍ରହ (୯) ଜଟଣୀ-ନିମବସନ୍ତ (୧୦) ଖଣ୍ଡପଡ଼ା (୧୧) ଖଣ୍ଡପଡ଼ା ବନମାଳୀପୁର (୧୨) ଦଶପଲ୍ଲା (୧୩) ସୋର ନିକଟ (୧୪) ବାରିପଦା (୧୫) ପାରଳାଖେମୁଣ୍ଡି (୧୬) କୋରାପୁଟ ଜୟପୁର (୧୭) ନୟାଗଡ଼ ରାଜପ୍ରାସାଦ ମଧ୍ୟରେ (୧୮) ବାଙ୍କୀଗଡ଼ (୧୯) ତାଳବସ୍ତ (୨୦) ଡମପଡ଼ା (୨୧) ଆଠଗଡ଼ (୨୨) ବାଙ୍କୀ-ଘୋଡ଼ାବର (୨୩) କଟକ ବଡ଼େଇ ସାହି (୨୪) ଗଡ଼ଗଡ଼ିଆ ଘାଟରେ ଶ୍ରୀପାଦପଦ୍ମ (୨୫) ମହମଦୀଆବଜାର (କଟକ) (୨୬) କପିଳେଶ୍ୱର-ଯାଜପୁର (୨୭) (ମାହାଙ୍ଗା) ଗୌରାଙ୍ଗପୁର - ଯାଜପୁର (୨୮) ନୀଳଗିରି (ବାଲେଶ୍ୱର) (୨୯) ଭଦ୍ରକ (୩୦) ଭୁବନେଶ୍ୱର (ଶ୍ରୀରାମନଗର) (୩୧) ଖୋର୍ଦ୍ଧାପଲ୍ଲୀର ଗୌର ବ୍ରଜବିହାରୀ ମନ୍ଦିର (୩୨) ବରୁଣେଇଛକ ନିକଟ ଗୌରଜଗନ୍ନାଥ ମନ୍ଦିର (୩୩) ଖୋର୍ଦ୍ଧା-ରାମେଶ୍ୱର ନିକଟ ତାଳପଦାରେ ଗୌର ନିତ୍ୟାନନ୍ଦ ମନ୍ଦିର (୩୪) ଖୋର୍ଦ୍ଧା-ଟାଙ୍ଗୀ ନିକଟ କୁସୁମୀ (୩୫) ଖୋର୍ଦ୍ଧା ଶରଧାପୁର (୩୬) ଖୋର୍ଦ୍ଧା-ଟାଙ୍କୋଳ (୩୭) ଖୋର୍ଦ୍ଧା-ମୁକ୍ତାପୁର ଯେଉଁଠାରେ ଦୋଳପୂର୍ଣ୍ଣିମୀରେ ଶ୍ରୀ ଚୈତନ୍ୟଦେବଙ୍କ ରଥଯାତ୍ରା ହୁଏ (୩୮) ଖୋର୍ଦ୍ଧା - ଲେହଙ୍ଗରେ ଭକ୍ତ କବି ଗୌରଚରଣ ଅଧିକାରୀଙ୍କ ସେବିତ ଗୌରାଙ୍ଗ ଦେବ (୩୯) ଖୋର୍ଦ୍ଧା-ବଙ୍ଗିଦା (୪୦) ଖୋଦ୍ଧା-ରାରଜସୁନାଖଳାରେ ୨ଟି ଗୌରାଙ୍ଗମନ୍ଦିର ଅଛି (୪୧) ଅନୁଗୁଳ ଜିଲ୍ଲା ଆଠମଲ୍ଲିକନିକଟକ ଦେଉଳଝରୀରେ ଶ୍ରୀ ଚୈତନ୍ୟ ପାଦପଦ୍ମ ମନ୍ଦିର ଥିବା ଆମେ ଅବଗତ ହୋଇଛୁ ।

ଏସବୁ ବ୍ୟତୀତ ଓଡ଼ିଶାର ବିଭିନ୍ନ ସାହିର ଓ ଗ୍ରାମାଞ୍ଚଳରେ ସହସ୍ରାଧିକ ମଠରେ ଶ୍ରୀଗୌରାଙ୍ଗ ବିଗ୍ରହ ତ୍ୟାଗୀ ବୈଷ୍ଣବମାନଙ୍କ ଦ୍ୱାରା ସେବିତ ହେଉଛନ୍ତି, ତନ୍ମଧ୍ୟରୁ ଶତାଧିକ ମଠର ତାଲିକା ଆମ ପାଖେ ଥିଲେ ମଧ୍ୟ କେବଳ ମନ୍ଦିର ବ୍ୟତୀତ ମଠ ମାନଙ୍କ ତାଲିକା ଆମେ ଦେଉ ନାହୁଁ କାରଣ ପ୍ରବନ୍ଧ ବିସ୍ତାର ହେବ । ଏସବୁରୁ ଓଡ଼ିଶାର ପ୍ରତ୍ୟେକ ଗ୍ରାମ ଓ ସହରରେ କୀର୍ତ୍ତନ ମଣ୍ଡଳୀ ଥିବା ଯୋଗୁ ସ୍ପଷ୍ଟ ହେଉଛନ୍ତି ଯେ ଶ୍ରୀଚୈତନ୍ୟ ଆରାଧନାର ପରଂପରା ଓଡ଼ିଶାରେ ଆଜକୁ ୫୦୦ ବର୍ଷ ଧରି ଚାଲି ଆସିଛି । ଏହା ଦ୍ୱାରା ଓଡ଼ିଶାର ଲୋକମାନେ ଅନ୍ୟ ରାଜ୍ୟ ଅପେକ୍ଷା

ଶାନ୍ତି, ମୈତ୍ରୀ ଐକ୍ୟର ବଂଧନ ମଧ୍ୟରେ କାଳାତିପାତ କରିଆସୁଛନ୍ତି । ବଙ୍ଗଳା ଅପେକ୍ଷା ଓଡ଼ିଶାରେ ପ୍ରାଚୀନ ଗୌର ବିଗ୍ରହ ଓ ମନ୍ଦିର ଅଧିକ ଅଛି । କାର୍ଯ୍ୟାନୁରୋଧରେ ଏ ଲେଖକ ରେଙ୍ଗାଳୀ ନିକଟ ଏକଗ୍ରାମକୁ ଯାଇଥିଲା । ସେଠାରେ ପଚାରି ବୁଝିଲା ଯେ ଏ ଗ୍ରାମରେ କେଉଁ ମନ୍ଦିର ଅଛି । ୨/୩ ଜଣ ଲୋକ କହିଲେ ଶ୍ରୀଚୈତନ୍ୟ ଠାକୁର ଅଛନ୍ତି । ଭାଗବତ ଗୃହପରି ଗୋଟିଏ ଘର । ମୁଁ ଦ୍ୱାର ଖୋଲି ଦେଖିଲି କୌଣସି ମୂର୍ତ୍ତି ନାହାନ୍ତି କେବଳ ୫/୬ଟି ମୃଦଙ୍ଗ ପୂଜା ପାଉଛି । ପୁନର୍ବାର ପଚାରିବାରୁ ସେମାନେ କହିଲେ ଏଇ ପରା ଚୈତନ୍ୟ ଠାକୁର । ପଶ୍ଚିମ ଓଡ଼ିଶାର ଅଧିକାଂଶ ଗାଁରେ ମୃଦଙ୍ଗକୁ ହିଁ ଚୈତନ୍ୟ ଠାକୁର ଭାବେ ପୂଜା କରାଯାଉଛି । ଆମ ଓଡ଼ିଶାରେ ସବତ୍ର କୀର୍ତ୍ତନ ପରେ ଖୋଳପୂଜା କରାଯାଏ । ଏ ପରଂପରା ଅନ୍ୟତ୍ର ନାହିଁ । କୀର୍ତ୍ତନ ମଣ୍ଡଳୀ ଆଗରେ ଧ୍ୱଜା ଓ ଖଣତି (ନିଶାଣ) ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପ୍ରତି ନିଧି ଭାବରେ ଯାଆନ୍ତି । ଖଣତି ମଧ୍ୟ ମନ୍ଦିର କିମ୍ବା ଭାଗବତ ଘରେ ନିତ୍ୟ ପୂଜିତ ହୁଅନ୍ତି । ଏସବୁ ପାଇଁ ଓଡ଼ିଶା ଲୋକେ ସଂକୀର୍ତ୍ତନ ପିତା ଗୌରହରିଙ୍କୁ "ପ୍ରାଣ ଗୌରାଙ୍ଗ" ବୋଲି ସଂକୀର୍ତ୍ତନ ପ୍ରାରମ୍ଭରେ ସଂବୋଧନ କରନ୍ତି । କହ୍ନେଇ ଖୁଣ୍ଟିଆଙ୍କ (ମହାଭାବ ପ୍ରକାଶ ଗ୍ରନ୍ଥର ୩ୟ ବୃନ୍ତରେ ୧୧ଟି ପୟାରର ପ୍ରାରମ୍ଭରେ "ପ୍ରାଣ ଗୌରାଙ୍ଗ" ବୋଲି ସଂବୋଧନ କରାଯାଇଛି ।

ପ୍ରେମାବତାରୀ ଶ୍ରୀ ଚୈତନ୍ୟ ଦେବ ଓଡ଼ଶାରୁ ଆଠଗଡ଼, ସମ୍ବଲପୁର ଇତ୍ୟାଦି ଦେଇ ବୃନ୍ଦାବନ ଯିବା ବାଟରେ ଝାରୀଖଣ୍ଡ ବନପଥରେ ବାଘ, ଭାଲୁ, ହରିଣ, ମୟୁର, ସର୍ପ ଓ ହସ୍ତୀମାନଙ୍କୁ କୃଷ୍ଣନାମ ପ୍ରେମରେ ନଚାଇ ଆଦିବାସୀମାନଙ୍କୁ ମଧ୍ୟ କୃଷ୍ଣପ୍ରେମରେ ଉନ୍ମତ୍ତ କରାଇଥିଲେ, ଏ ବିଷୟ ଉକ୍ତ ଗ୍ରନ୍ଥର ଶେଷ ଭାଗରେ ଏକ ସ୍ୱତନ୍ତ୍ର ଅଧ୍ୟାୟରେ ପ୍ରଦତ୍ତ ହୋଇଛି । ଶ୍ରୀ ଚୈତନ୍ୟଦେବଙ୍କ ଉତ୍କଳାଗମନ ଫଳରେ ଉତ୍କଳର କଳା, ଭାସ୍କର୍ଯ୍ୟ, ସାହିତ୍ୟାଦି ପୂର୍ବଠାରୁ ଅଧିକ ଋଦ୍ଧିମନ୍ତ ହୋଇଛି । ସହସ୍ରାଧିକ ବିଷ୍ଣୁ ମନ୍ଦିର ନିର୍ମିତ ହୋଇଛି । ଓଡ଼ିଆ ପଞ୍ଚସଖା ସାହିତ୍ୟରେ ତ ଶ୍ରୀ ଚୈତନ୍ୟ ଚରିତ ବର୍ଣ୍ଣନ କରଯାଇଛି ତତ୍‌ସହ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଠାରୁ ଆରମ୍ଭ କରି ପରବର୍ତ୍ତୀ କବିମାନଙ୍କ ଉପରେ ଶ୍ରୀଚୈତନ୍ୟଙ୍କ ପ୍ରଭାବ ପଡ଼ିଛି । ଭଞ୍ଜ ଆପଣେ ସ୍ୱ ଚରିତ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀରେ ସେଥିପାଇଁ ଲେଖିଛନ୍ତି -

"ଭକ୍ତି ଦେବା ଗୁପ୍ତ ହୋଇଛି ଯୁକ୍ତାକ୍ଷର

ବୈଷ୍ଣବ ବିହୀନେ କେବା ଜାଣିବ ସଂସାରେ ହେ ।।"

ଓଡ଼ିଆ କୃଷ୍ଣଭକ୍ତି ସାହିତ୍ୟରେ ତ ଶ୍ରୀଚୈତନ୍ୟଙ୍କ ଭକ୍ତି ପ୍ରଭାବ ପଡ଼ିବା ସ୍ୱାଭାବିକ୍ ମାତ୍ର ଶ୍ରୀରାମ ସାହିତ୍ୟ ଶ୍ରୀ ଅନଙ୍ଗନରେନ୍ଦ୍ରଙ୍କ ରାମଲୀଳା ଗ୍ରନ୍ଥାରମ୍ଭରେ ସେ ମଧ୍ୟ ଲେଖିଛନ୍ତି (ସାକ୍ଷାତ୍ ଶ୍ରୀ ରାମ ରୂପ ଚୈତନ୍ୟ ମୁରତି" । ଶ୍ରୀ ଚୈତନ୍ୟଙ୍କ ଲୀଳା ଓ ଶିକ୍ଷାକୁ ନେଇ ଓଡ଼ିଆରେ ରଚିତ ହୋଇଛି । (୧) ଭକ୍ତ ଚରଣ ଦାସଙ୍କ 'ମନଶିକ୍ଷା' (୨) ବୃନ୍ଦାବନ ଦାସଙ୍କ 'ପୂର୍ଣ୍ଣତମ ଚନ୍ଦ୍ରୋଦୟ' (୩) ଗୌରଚରଣ ଅଧିକାରୀଙ୍କ 'ଗୌର କୃଷ୍ଣ ଭଜନ ଶତକ' ଆଦି (୪) ଗୋପାଳକୃଷ୍ଣଙ୍କ ପଦାବଳୀ (୫) ସଦାନନ୍ଦ କବି ସୂର୍ଯ୍ୟବ୍ରହ୍ମାଙ୍କ 'ବିଶ୍ୱମ୍ଭର ବିହାର' (୬) ମହାପୁରୁଷ ଅଚ୍ୟୁତାନନ୍ଦଙ୍କ 'ଶୂନ୍ୟସଂହିତା ଓ ଗୁରୁଭକ୍ତି ଗୀତା ଆଦି (୭) ଈଶ୍ୱର ଦାସଙ୍କ ଚୈତନ୍ୟ ଭାଗବତ (୮) ଭଗବାନ୍ ଦାସଙ୍କ 'ଗୌରାଙ୍ଗ

ଭାଗବତ' (୯) କହ୍ନେଇ ଖୁଣ୍ଟିଆଙ୍କ 'ମହାଭାବ ପ୍ରକାଶ' (୧୦) ବନମାଳୀ ପଦାବଳୀ (୧୧) ମାନଗୋବିନ୍ଦ ପଦାବଳୀ (୧୨) ଦୀବାକର ଦାସଙ୍କ 'ଜଗନ୍ନାଥ ଚରିତାମୃତ' (୧୩) ରାମଦାସଙ୍କ 'ଦାଢ୍ୟତାଭକ୍ତି' (୧୪) କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ଗୌରଭଜନ' (୧୫) ଯତିଶେଖର ଭକ୍ତିଶାସ୍ତ୍ରୀଙ୍କ 'ଗୁରୁଗୌର ଗୀତି' (୧୬) ମୟୁର ଭଞ୍ଜ କାନପୁର ର କାଳୀଦାସଙ୍କ ଗୌରଭଜନ (୧୭) ବିଚ୍ଛନ୍ଦଚରଣ ପଟ୍ଟନାୟକଙ୍କ ଗୌରାଙ୍ଗ ସ୍ମରଣ ମଙ୍ଗଳଭଜନ (୧୮) ରାୟ ରାମାନଂଦ ପଦାବଳୀ (୧୯) ମାଧବୀ ଦାସୀଙ୍କ ପଦାବଳୀ (୨୦)ଜଗବଂଧୁ ସିଂହ (୨୧) ମୁରାରୀ ପଣ୍ଡିତ (୨୨) ମାର୍କଣ୍ଡ ଦାସ (୨୩) କବି ପୁରୁଷୋତ୍ତମ (୨୪)ଶିବରାମ ଦାସ (୨୫) ପ୍ରଭୁଶ୍ୟାମାନଂଦ (୨୬) ନୃପରଘୁନାଥ (୨୭) ଭୀମଦାସ (୨୮)କୃପାସିନ୍ଧୁ ଦାସ (୨୯) ଦାଶରଥି ଦାସ (୩୦) କିଶୋର ଦାସ (୩୧) ଦୀନବଂଧୁ ରାଜହରି ଚନ୍ଦନ (୩୨) ଗୋବିନ୍ଦ ଦାସ (୩୩) ପିଣ୍ଡିକ ଶ୍ରୀଚନ୍ଦନ (୩୪) କବିଶ୍ୟାମସୁନ୍ଦର ଭଞ୍ଜ (୩୫) ରାଜା ଶ୍ୟାମ ସୁନ୍ଦର ଦେବ (୩୬) ହରିବଂଧୁ ବେବର୍ତ୍ତା (୩୭) ଗୌରହରି ପରିଛା (୩୮) କୁଞ୍ଜଲତା ଦେବୀ (୩୯) ମୋହନ ସୁନ୍ଦର ଗୋସ୍ୱାମୀ (୪୦) ବାବାଜୀ ବୈଷ୍ଣବଚରଣ ଦାସ (୪୧) ବାବାଜୀ ପଦ୍ମଚରଣ ଦାସ (୪୨) ବିନାୟକ ସିଂହ (୪୩) କମଳା ଚରଣ ଦାସ ବାବାଜୀ (୪୪) ଶ୍ରୀଲ ବାୟାବାବା (୪୫)ଅଭିରାମ ପରମହଂସ (୪୬) ପଣ୍ଡିତ ହରିଚରଣ ଦାସ (୪୭) ଡଃ ରମାନାଥ ମହାନ୍ତି ଆଦିଙ୍କ ପଦାବଳୀରେ ଶ୍ରୀଗୌର ଗୁଣ-ମହିମା ପ୍ରକାଶିତ ହୋଇଛି । ସମଗ୍ର ଭାରତ ବର୍ଷରେ ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି' ପରି ଖଣ୍ଡିଏ ଗନ୍ଥ ନାହିଁ ଯେଉଁଥିରେ କି ଉପମା, ଅର୍ଥ ଗୌରବ ଏବଂ ପଦଲାଳିତ୍ୟ ରହିଛି । ଅଭିମନ୍ୟୁ ଶ୍ରୀଚୈତନ୍ୟ ଧର୍ମରେ ଦୀକ୍ଷିତ ହୋଇଥିଲେ ଗୁରୁ ସଦାନଂଦ କବି ସୂର୍ଯ୍ୟ ବ୍ରହ୍ମାଙ୍କ ଦ୍ୱାରା । ଓଡ଼ିଆ ଗଦ୍ୟ ସାହିତ୍ୟରେ ଶ୍ରୀ ଚୈତନ୍ୟଙ୍କ ସମ୍ବନ୍ଧରେ ଗ୍ରନ୍ଥ ଅଛି । ଓଡ଼ିଆ କବି ଗୋବିନ୍ଦଦେବ ସଂସ୍କୃତରେ "ଗୌର କୃଷ୍ଣୋଦୟ"ଗ୍ରନ୍ଥ ରଚନା କରିଛନ୍ତି । ଶ୍ରୀ ଚୈତନ୍ୟ ଚରିତର ରଚୟିତା ଅନ୍ୟ ଓଡ଼ିଆ କବିଙ୍କ ସଂପୂର୍ଣ୍ଣ ତାଲିକା ଏହି ଲେଖକ ସଂଗ୍ରହ କରିପାରି ନାହିଁ ଯଦିଓ ଉତ୍କଳରେ ଲକ୍ଷାଧିକ ଶ୍ରୀଗୌର ଭଜନ ରଚନା କରାଯାଇ ସଂକୀର୍ତ୍ତନ ସମୟରେ ସେ ସବୁ ବୋଲାଯାଉଛି । ଏପରିକି ଉପରୋକ୍ତ କବିମାନଙ୍କ ଲେଖାରୁ ଗୋଟିଏ ଗୋଟିଏ ପଦ ଉଦ୍ଧାର କଲେ ବିଷୟ ବିସ୍ତାର ହେବ ।

ଶ୍ରୀ ଜଗନ୍ନାଥ ଓ ଶ୍ରୀଚୈତନ୍ୟଙ୍କ ସମ୍ବନ୍ଧରେ ଓଡ଼ିଶାରେ ଅସଂଖ୍ୟ ଭଜନ, ଜଣାଣ, କୀର୍ତ୍ତନ ରଚନା କରାଯାଇଛି । ଉଭୟେ ଓଡ଼ିଶାରେ ମହାପ୍ରଭୁ ନାମରେ ପରିଚିତ ଏବଂ ଦୁଃହେଁ ପତିତପାବନ ନାମରେ ଖ୍ୟାତ । ଏସବୁରୁ ଓଡ଼ିଶାରେ ଶ୍ରୀଚୈତନ୍ୟଙ୍କ ପ୍ରଭାବ ଓ ଆରାଧନାର ସମ୍ୟକ୍ ଧାରଣା କରିହେବ । ଦୁଃଖର କଥା ସାହିତ୍ୟିକମାନେ ବିଭିନ୍ନ ଧର୍ମ ଧାରାର କଥା ଆଲୋଚନା କରିଥିଲେ ମଧ୍ୟ ଯେଉଁ ଚୈତନ୍ୟ ଚରିତ ବର୍ଣ୍ଣନାରେ ଓଡ଼ିଆ ସାହିତ୍ୟ ଗୌରବ ମଣ୍ଡିତ ହୋଇଛି, ଯେଉଁ ଗୌରହରିଙ୍କ ସଂକୀର୍ତ୍ତନରେ ଓଡ଼ିଶାର ପୁରପଲ୍ଲୀ ଏବେ ମଧ୍ୟ ପ୍ରତିଧ୍ୱନିତ ସେ ବିଷୟରେ ବେଶି କେହି ଆଲୋକପାତ କରି ନାହାନ୍ତି ।

=====

# ସପ୍ତ ସ୍ୱର୍ଗ

**ସଦାଶିବ ପଣ୍ଡା**

ଅନ୍ନଜଳ ଦାନ    ଯଜ୍ଞ, ତପ, ହୋମ
      ଏଗୁଡ଼ିକ ପୁଣ୍ୟ କର୍ମ
ଏଗୁଡ଼ିକ ସବୁ    କରିବା ଆଗରୁ
      ବୁଝନ୍ତୁ ତାହାର ମର୍ମ ॥୧॥

ଯେତେ ପୂଣ୍ୟ କର୍ମ    କରିଲେ ତୁମର
      ହୋଇଥାଏ ସ୍ୱର୍ଗବାସ
କିଛି କାଳପରେ    ସ୍ୱର୍ଗ ସୁଖ ଭୋଗ
      ଅଚିରେ ହୁଅଇ ନାଶ ॥୨॥

ସୁଖ ସରିଗଲେ    ଏ ଧରା ଧାମକୁ
      ହୋଇଥାଏ ଆଗମନ
ପଶୁ ପକ୍ଷୀ କୀଟ    ପତଙ୍ଗ ଯୋନିରେ
      ହୋଇଥାଏ ପୁଣି ଜନ୍ମ ॥୩॥

ଏହିପରି ସାତ    ଗୋଟି ସ୍ୱର୍ଗ ଅଛି
      ଶାସ୍ତ୍ର ପୁରାଣର ମତେ
କର୍ମ ଅନୁସାରେ    ସ୍ୱର୍ଗ ସୁଖ ଭୋଗ
      କରିଥାନ୍ତି ପ୍ରାଣୀ ଯେତେ ॥୪॥

ଆମେ ଯେଉଁଠାରେ    ବାସ କରୁଅଛେ
      ଭୂ ସ୍ୱର୍ଗ ତାହାର ନାମ
କର୍ମ ଫଳ ମତେ    ସବୁ ଜୀବଜନ୍ତୁ
      ଦେଖାନ୍ତି ତାଙ୍କର କର୍ମ ॥୫॥

କିଏ ପାଏ ସୁଖ    କିଏ ପାଏ ଦୁଃଖ
      କର୍ମଫଳ ଅନୁସାରେ
ମୃତ୍ୟୁପରେ ଉର୍ଦ୍ଧ୍ୱ    କିମ୍ବା ଅଧୋଗତି
      ପାଇଥାନ୍ତି ସବୁନରେ ॥୬॥

ଭୂଲୋକର ପରେ  ଦ୍ୱିତୀୟ ଲୋକଟି
      ହେଉଅଛି ପିତୃଲୋକ
ଏହିଠାରେ ଜୀବ    ସୁଖ ଭୋଗକରେ
      ଥିବା ଯାଏଁ ପୁଣ୍ୟ ଯାକ ॥୭॥

ତୃତୀୟ ସ୍ୱର୍ଗଟି    ସ୍ୱଃ ଲୋକ ବୋଲି
      ଶାସ୍ତ୍ର ପୁରାଣରେ ଲେଖା
ଏଠାରେ ରହନ୍ତି    ଦେବ ଦେବୀମାନେ
      ତେତିଶ କୋଟୀର ସଂଖ୍ୟା ॥୮॥

ନନ୍ଦନ କାନନ    ଅଶ୍ୱ ଉଚଶ୍ରବା
      ଆଉ ଐରାବତ ଗଜ
ସ୍ୱର୍ଗ ମନ୍ଦାକିନୀ    ଅମୃତର ଭାଣ୍ଡ
      ରହିଛି ହୋଇକି ସଜ ॥୯॥

ଦେବରାଜ ଇନ୍ଦ୍ର    ପତ୍ନୀ ଶଚ୍ଚୀ ସହ
      କରନ୍ତି ଏଠାରେ ବାସ
ଅପସରା ଗଣ    ନୃତ୍ୟ ଗୀତ ରଙ୍ଗେ
      ସଦା କରନ୍ତି ବିଳାସ ॥୧୦॥

ଚତୁର୍ଥ ଲୋକଟି  ମହ ଲୋକ ବୋଲି
ସମସ୍ତଙ୍କ ପାଖେ ଜଣା
ଏଠାରେ ରହନ୍ତି  ବ୍ରହ୍ମଚାରୀ ଗଣ
ତପ ଶକ୍ତି ଯା'ର ଊଣା ॥୧୧॥

ଯଜ୍ଞ ହୋମ କିର  ସର୍ବଦା ଏମାନେ
କରିଥାନ୍ତି ଏଠି ବାସ
ତପ ଆଚରଣ  ସିଦ୍ଧ ହୋଇଗଲେ
ଜନ ଲୋକରେ ପ୍ରବେଶ ॥୧୨॥

ପ୍ରଗାଢ଼ ତପସ୍ୟା  କରି ଯେଉଁମାନେ
କରନ୍ତି ପୂଣ୍ୟ ସଞ୍ଚୟ
ତାହାପରେ ସେହି  ମାନେ କରିଥାନ୍ତି
ଜନ ଲେକକୁ ବିଜୟ ॥୧୩॥

ତପ ଲୋକେ ରହି ତପସ୍ୟା କରିଲେ
ହୋଇଥାନ୍ତି ବ୍ରହ୍ମଋଷି
ତାହା ପରେ ସତ୍ୟ ଲୋକକୁ ବିଜୟ
କରିଥାନ୍ତି ହୋଇ ଖୁସି ॥୧୪॥

ଜନ, ତପ, ସତ୍ୟ ଏହି ତିନିଲୋକ
ମହର୍ଷିମାନଙ୍କ ବାସ
ପୂଣ୍ୟର ଗାଢ଼ତା  ଅନୁସାରେ ମିଳେ
ଏହି ଲୋକରେ ପ୍ରବେଶ ॥୧୫॥

ହିର ନ ଭଜିଲେ  ଏ ସବୁ ଲୋକରୁ
ହୋଇଯାଏ ବି ପତନ
ଭୌମ ପ୍ରପଞ୍ଚକୁ  ଜୀବ ମାନଙ୍କର
ହୋଇଥାଏ ଆଗମନ ॥୧୬॥

ପୂଣ୍ୟ ଲୋକ ସବୁ ସୁଖର ଆସ୍ୱଦ
ଦୁଃଖ ତ ସେଠାରେ ନାହିଁ
ସେଥିପାଇଁ ସର୍ବେ  ସ୍ୱର୍ଗ ବାସ ପାଇଁ
ହେଉ ଧାନ୍ତି ହାଇଁ ପାଇଁ ॥୧୭॥

ସେଇ ଜନ୍ମମୃତ୍ୟୁ  ଜରାବ୍ୟାଧି ଦୁଃଖେ
କାଟିବାକୁ ହୁଏ କାଳ
ତେଣୁ ସ୍ୱର୍ଗ ସୁଖ  କିଛି ଦିନ ପାଇଁ
ଅନ୍ତିମେ ଆଣେ ଜଞ୍ଜାଳ ॥୧୮॥

ତେଣୁ ଜନ୍ମ ମୃତ୍ୟୁ  ଚକ୍ରରୁ ଉଦ୍ଧାର
ପାଇବାକୁ ବିଜ୍ଞ ନର
ସବୁବେଳେ ହରି  ଭଜନ କରନ୍ତି
ତୁଚ୍ଛମଣି ଏ ସଂସାର ॥୧୯॥

ଦାସ ସଦାଶିବ  ସଂସାର ଭିତରେ
ସର୍ବଦା ରହିଛି ବୁଡ଼ି
କେତେ ବେଳେ ହରି  ଭଜନ କରିବ
କାନ୍ଦୁଅଛି ମୁଣ୍ଡକୋଡ଼ି ॥୨୦॥

# ମହାପ୍ରଭୁଙ୍କ ଦିବ୍ୟସ୍ନାନ

ଶ୍ରୀ ଗୁଣନିଧି ଦାସ

କୋଟି ବିଶ୍ୱର ନିୟତି ତୋ ହାତେ
କରି କରାଉଛୁ ତୁହି,
ଅଚିନ୍ତା ନିଦରେ ଶୋଇ ପଡ଼ିଲ କି !!
ଭକତ ରହିଛି ଚାହିଁ ॥୧॥

ଯାହାର ସ୍ନାହାନ ଦେଖିବା ପାଇଁକି
ବଡ଼ ଦାଣ୍ଡେ ପଡ଼େ ଚହଳ
କି ଦଶା ପଡ଼ିଲା 'ମୋ' ମହାବାହୁକୁ
ଗାଧୋଇ ପଡ଼ିଲ ସହଳ ॥୨॥

(ଆଜି) ନିଜେ ଅଭିନେତା, ନିଜେ ତୁ ଦର୍ଶକ
ମର୍ତ୍ତ୍ୟ ବୈକୁଣ୍ଠ ର ରଥେ
ଗଜପତି ବିନା ଛେରା ମହଁରା ଯେ
ମୁଦିରଥ ପଣ୍ଡା ହସ୍ତେ ॥୩॥

ରାତି ଅଧେ ହେଲ ମଙ୍ଗଳ ଆଳତୀ
ଅବକାଶ ନୀତି କାନ୍ତି
ଧାଡ଼ି ପହଣ୍ଡିରେ ବେଢ଼ା ପାର ହେଲ
ଆଗୋ ହେ ଚତୁର୍ଦ୍ଧା ମୂର୍ତ୍ତି ॥୪॥

ଗରାବଡୁ ଢ଼ାଳେ ଛେକ ଛେକ ଜଳ
ସୁନା କୂଅ ସତେ ଧନ୍ୟ
ମୋ ଆଖି ଜଳେ ଭିଜେଇ ଦେବିରେ
ଦେ ଟିକେ ସେଇ ପୂଣ୍ୟ ॥୫॥

ମହାମାରୀ ଡରେ ବାଡ଼ ପକାଇଲୁ
ଭକ୍ତ ଭଗବାନ ମଧ୍ୟେ,
ଦିବ୍ୟସ୍ନାନ ଠାରୁ ବଞ୍ଚିତ କରିଲୁ
କି ନିଷ୍ଠୁର ହୃଦୟ ସତେ ॥୬॥

ଛପନ ଭୋଗୀକୁ ଅମୃତ ମଣୋହୀ
କିଛି ବଳେ ନାହିଁ ତୋର,
ସକଳ ଉଚ୍ଛିଷ୍ଟ ଜାତିର ପ୍ରସାଦ
ନିର୍ମାଲ୍ୟରେ ମୁକ୍ତି ଯାର ॥୭॥

ବଳରାମ ଦାସ ଭକ୍ତିରେ ହଜିଲୁ
ବାଲିରଥେ ହେଲୁ ଉଭା,
ଗଣପତି ଭଟ୍ଟ ମାନ ତୁ ରଖିଲୁ
ଗଜ ବେଶେ ତୋର ସେବା ॥୮॥

ସ୍ନାନ କରିବାକୁ ହେଲ ତରତର
ନୀତିକାନ୍ତି କରି ଭଙ୍ଗ
ଶହେ ଆଠ ଗରା ଢାଳି ଦେଲେ ପଣ୍ଡା
ଶୀତଳ ହୋଇଲା ଅଙ୍ଗ ॥୯॥

କଳାଆଖି ତୋର ସଜଳ ଦିଶିଲା
ଶ୍ରୀମୁଖୁ ଛାଡ଼ିଲା ରଙ୍ଗ
ଜ୍ୱରରେ ପଡ଼ିଛି କଳା ବଦନ 'ମୋ'
ଝୁରୁଛି ଭକତ ସଙ୍ଗ ॥୧୦॥

=====

# ଭକ୍ତିରସାମୃତସିନ୍ଧୁ - ବିନ୍ଦୁ

(ଧାରାବାହିକ) **ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର**

ସାଧୁ ସଙ୍ଗେ କୃଷ୍ଣଭକ୍ତ୍ୟେ ଶ୍ରଦ୍ଧା ଯଦି ହୟ ।
ଭକ୍ତିଫଳ 'ପ୍ରେମ' ହୟ, ସଂସାର ଯାୟ କ୍ଷୟ ॥ (ଚୈ.ଚ.ମଧ୍ୟ. ୨୨/୪୯)

ସାଧୁସଙ୍ଗରେ କୃଷ୍ଣଭକ୍ତି ପ୍ରତି ଯଦି ଶ୍ରଦ୍ଧା ହୁଏ ଅର୍ଥାତ୍ ସୁ-ସିଦ୍ଧାନ୍ତପୂର୍ଣ୍ଣ ସ୍ୱଜାତୀୟାଶୟ-ସ୍ନିଗ୍ଧ ରସିକ ବୈଷ୍ଣବଙ୍କ ସଙ୍ଗ ମିଳିଲେ ସାଧକକୁ ଶୀଘ୍ର ପ୍ରେମଭକ୍ତି ମିଳିଯାଏ ଓ ଆନୁସଙ୍ଗିକ-ଫଳରୂପେ ତାହା ସଂସାର ଅନାୟାସରେ କ୍ଷୟ ହୋଇଯାଏ ।

ମହତ୍-କୃପା ବନା କୋନ କର୍ମେ ଭକ୍ତି ନୟ ।
କୃଷ୍ଣଭକ୍ତି ଦୂରେ ରହୁ, ସଂସାର ନହେ କ୍ଷୟ ॥ (ଚୈ.ଚ.ମଧ୍ୟ. ୨୨/୫୧)

ମହତ୍ (ସାଧୁଙ୍କ) କୃପା ବିନା ଅନ୍ୟ କୌଣସି ସାଧନ (କର୍ମ) ଦ୍ୱାରା ଭକ୍ତି ହୁଏ ନାହିଁ । କୃଷ୍ଣଭକ୍ତିର କଥା ଦୂରେ ରହୁ, ତାହାର ସଂସାର (ବାରମ୍ବାର ଆବାଗମନ ଓ ସାଂସାରିକ ଆସକ୍ତି) ମଧ୍ୟ କ୍ଷୟ ହୁଏ ନାହିଁ । କୃଷ୍ଣଭକ୍ତିର କଥା ଦୂରେ ରହୁ, ତାହାର ସଂସାର (ବାରମ୍ବାର ଆବାଗମନ ଓ ସାଂସାରିକ ଆସକ୍ତି) ମଧ୍ୟ କ୍ଷୟ ହୁଏ ନାହିଁ ।

ସାଧୁସଙ୍ଗ ଭଗବଦ୍‌ଭକ୍ତିର ମୂଳ ଅଟେ - 'କୃଷ୍ଣଭକ୍ତି ଜନ୍ମମୂଳ ହୟ ସାଧୁସଙ୍ଗ' (ଚୈ.ଚ.ମଧ. ୨୨ / ୮୦); ଶ୍ରୀଭାଗବତ (୧୧/୨୦/୮) 'ଯଦୃଚ୍ଛୟା ମତ୍କଥାଦୌ ଜାତଶ୍ରଦ୍ଧସ୍ତୁ ଯଃ ପୁମାନ୍' ଶ୍ଳୋକରେ ଭଗବାନ୍ କହିଛନ୍ତି ଯେ, ପୂର୍ବଜନ୍ମର ସୌଭାଗ୍ୟରୁ ମୋ' ଲୀଳା-କଥାରେ ଯାହାର ଶ୍ରଦ୍ଧା ଉତ୍ପନ୍ନ ହୋଇଛି, ସେହି ବ୍ୟକ୍ତି ହିଁ ଭକ୍ତିର ଅଧିକାରୀ ଅଟେ । ଏଠାରେ ଶ୍ରୀଳ ଜୀବ ଗୋସ୍ୱାମୀ ଉକ୍ତ ଶ୍ଳୋକର 'ଯଦୃଚ୍ଛୟା' ଶବ୍ଦର ଅର୍ଥ ଏହିପରି କରିଛନ୍ତି - 'କେନାପି ପରମ ସ୍ୱତନ୍ତ୍ର ଭଗବଦ୍‌ଭକ୍ତସଙ୍ଗ ତତ୍‌କୃପାଜାତ ପରମମଙ୍ଗଳୋଦୟେନ' ଅର୍ଥାତ୍ ପରମ ସ୍ୱତନ୍ତ୍ର ଭଗବଦ୍‌ଭକ୍ତଙ୍କ ସଙ୍ଗ ଦ୍ୱାରା, ଏବଂ ସେହି ଭକ୍ତଙ୍କ କୃପା ଫଳରେ ଯେଉଁ ସୌଭାଗ୍ୟ ଉଦିତ ହୋଇଛି, ତାହା ହିଁ ଭକ୍ତିର ଯୋଗ୍ୟତା ଦିଏ । ଅର୍ଥାତ୍ ସୌଭାଗ୍ୟର ତାତ୍ପର୍ଯ୍ୟ ହେଉଛି ଯେ ପୂର୍ବଜନ୍ମର ସାଧୁସଙ୍ଗରୁ ଏବଂ ସାଧୁଙ୍କ କୃପାରୁ ଏକପ୍ରକାର ସଂସ୍କାର ଉତ୍ପନ୍ନ ହୁଏ; ଯାହା ଏହି ଜନ୍ମରେ ପୁଷ୍ଟ ହୋଇ ଶ୍ରଦ୍ଧା ରୂପେ ଉଦିତ ହୁଏ । ସେହି ଶ୍ରଦ୍ଧା ହିଁ ଭକ୍ତି ଉଦୟର ହେତୁ ଅଟେ ।

'ଶ୍ରୀମଭାଗବତ' (୩/୨୫/୨୫)ର ପ୍ରସଙ୍ଗରେ କୁହାଯାଇଛି -

ସତାଂ ପ୍ରସଂଗାନ୍ମମ ବୀର୍ଯସମ୍ବିଦୋ ଭବନ୍ତି ହୃତ୍‌କର୍ଣ୍ଣରସାୟନାଃ କଥାଃ ।
ତଜ୍ଜୋଷଣାଦାଶ୍ୱପବର୍ଗବର୍ତ୍ମନି ଶ୍ରଦ୍ଧାରତିର୍ଭକ୍ତିରନୁକ୍ରମିଷ୍ୟତି ॥

ଅର୍ଥାତ୍ ସତ୍‌ପୁରୁଷଙ୍କ (ସାଧୁ, ବୈଷ୍ଣବଙ୍କ) ସମାଗମରୁ (ସଙ୍ଗରୁ) ମୋ' ପରାକ୍ରମର ଯଥାର୍ଥ ଜ୍ଞାନ କରାଉଥିବା ତଥା ହୃଦୟକୁ ଓ କର୍ଣ୍ଣକୁ ତୃପ୍ତି ଦେଉଥିବା ବୀର୍ଯ୍ୟବତୀ କଥାମାନ ହୋଇଥାଏ; ତାହାକୁ ସେବନ କଲେ (ଶ୍ରବଣ କଲେ) ଅତିଶୀଘ୍ର ହିଁ ଅବିଦ୍ୟା-ନିବୃତ୍ତିର ଫଳସ୍ୱରୂପ ମୋ' ଠାରେ (ଭଗବାନଙ୍କ ଠାରେ) କ୍ରମଶଃ ଶ୍ରଦ୍ଧା, ରତି ଓ ପ୍ରେମଭକ୍ତର ଉଦୟ ହୁଏ ।

ଉପରୋକ୍ତ ପ୍ରସଙ୍ଗରୁ ଏହି ସିଦ୍ଧାନ୍ତରେ ଉପନୀତ ହେଉ ଯେ, ସାଧୁସଙ୍ଗ ହିଁ ଭଗବତ୍-ସାମୁଖ୍ୟର ଦ୍ୱାର ବା ଭକ୍ତିର ମୂଳ । ସାଧୁସଙ୍ଗ ପ୍ରଭାବରୁ ବହିର୍ମୁଖ ଜୀବ ଭଗବଦ୍-ସାମୁଖ୍ୟକୁ ପାଏ ଏବଂ ତା' ହୃଦୟରେ କ୍ରମଶଃ ଶ୍ରଦ୍ଧା, ରତି ଓ ପ୍ରେମର ଉଦୟ ହୁଏ । ନିରନ୍ତର ଭଗବଦ୍ ଉନ୍ମୁଖତା, ଶ୍ରଦ୍ଧା, ରତି ପ୍ରେମ ଉଦିତ ହୋଇ ନଥିବା ସାଧୁଙ୍କ ସଙ୍ଗରେ ବହିର୍ମୁଖ ଜୀବ ଭଗବଦ୍ - ଉନ୍ମୁଖତା ପାଏ ନାହିଁ କିମ୍ବା ତା' ହୃଦୟରେ ଶ୍ରଦ୍ଧା, ରତି ଓ ପ୍ରେମର ଉଦୟ ହୋଇ ପାରେ ନାହିଁ । କେବଳ ବେଦ-ବିଧିର ଅନୁଗତ ସଦାଚାର-ପରାୟଣ ସାଧୁସଙ୍ଗରୁ ହିଁ ଭଗବଦ୍ ଉନ୍ମୁଖତା ତଥା ଶ୍ରଦ୍ଧା, ରତି ଓ ଭକ୍ତି ଉତ୍ପନ୍ନ ହୁଏ ।

ଏପରି ସାଧୁସଙ୍ଗ ଦୁଇ ପ୍ରକାର ଅଟେ, ଯଥା - ଜ୍ଞାନମାର୍ଗରେ ସିଦ୍ଧ ମହାପୁରୁଷଙ୍କ ସଙ୍ଗ ଓ ଭକ୍ତିମାର୍ଗରେ ସିଦ୍ଧ ମହାପୁରୁଷଙ୍କ ସଙ୍ଗ ଓ ଭକ୍ତିମାର୍ଗରେ ସିଦ୍ଧ ମହାପୁରୁଷଙ୍କ ସଙ୍ଗ । ଜ୍ଞାନୀ ପୁରୁଷଙ୍କ ସଙ୍ଗରୁ ଶ୍ରଦ୍ଧା, ରତି ଓ ଭକ୍ତିର ଉଦୟ ହେବା ଅସମ୍ଭବ । ତାହାଙ୍କ ସଙ୍ଗର ସାଂସାରିକ ଆସକ୍ତି ଦୂର ହେଲେ ମଧ ଭଗବତ୍-ସ୍ୱରୂପ ପ୍ରତି ଜୀବର ଶ୍ରଦ୍ଧା, ରତି ଓ ପ୍ରେମ ଉତ୍ପନ୍ନ ହୁଏ ନାହିଁ । ସେଥପାଇଁ ସେମାନଙ୍କ ସଙ୍ଗ ଅପ୍ରାସଙ୍ଗିକ ଅଟେ । କିନ୍ତୁ ଭକ୍ତିମାର୍ଗରେ ସିଦ୍ଧ ମହାପୁରୁଷଙ୍କ ସଙ୍ଗରୁ ତାହା ହୋଇଥାଏ । ସେହି ଭକ୍ତିମାର୍ଗସିଦ୍ଧ ମହାପୁରୁଷ ମଧ ତିନିପ୍ରକାରର, ଯଥା - (୧) ଭାଗବତ୍ ପାର୍ଷଦ ଦେହପ୍ରାପ୍ତ, (୨) ନିର୍ଦ୍ଧୂତ କଷାୟ ଏବଂ (୩) ମୂର୍ଚ୍ଛିତ କଷାୟ ।

(୧) ଭାଗବତ୍ ପାର୍ଷଦ ଦେହପ୍ରାପ୍ତ - ଯିଏ ପାଞ୍ଚଭୌତିକ ଦେହକୁ ଛାଡ଼ି ଭଗବତ୍-ସେବୋପଯୋଗୀ ସଚ୍ଚିଦାନନ୍ଦମୟ ପାର୍ଷଦ-ଦେହ ପାଇଛନ୍ତି, ସେ ହେଉଛନ୍ତି ଭକ୍ତି-ସିଦ୍ଧ-ମହାପୁରୁଷମାନଙ୍କ ମଧରେ ଶ୍ରେଷ୍ଠ ବା ଉତ୍ତମ-ଭାଗବତ ।

(୨) ନିର୍ଦ୍ଧୂତ କଷାୟ - ପାଞ୍ଚଭୌତିକ ଶରୀରରେ ରହି ମଧ ଯାହାଙ୍କ ହୃଦୟରେ କୌଣସି ପ୍ରକାରର ସାଂସାରିକ ବାସନା ବା ସଂସ୍କାର ନଥାଏ, ସେ ହେଉଛନ୍ତି ମଧ୍ୟମ ଶ୍ରେଣୀର ଉତ୍ତମ-ଭାଗବତ ।

(୩) ମୂର୍ଚ୍ଛିତ କଷାୟ - ଯେଉଁ ଭକ୍ତିସିଦ୍ଧ ମହାପୁରୁଷଙ୍କ ହୃଦୟରେ ସୂକ୍ଷ୍ମରୂପେ ସାତ୍ତ୍ୱିକ ବାସନାମାନ ଓ ସଂସ୍କାରମାନ ଅବଶିଷ୍ଟ ଥାଏ, କିନ୍ତୁ ଭକ୍ତିଯୋଗ ପ୍ରଭାବରୁ ତାହା ମୂର୍ଚ୍ଛିତ ବା ସୁପ୍ତ ଅବସ୍ଥାରେ ଥାଏ; ସୁଯୋଗ ମିଳିଲେ ଜାଗ୍ରତ ହୁଏ, ସେପରି ମହାପୁରୁଷ ଭାଗବତଙ୍କ ମଧରେ କନିଷ୍ଠ ବୋଲି ବିବେଚିତ ହୁଅନ୍ତି ।

ଭଗବାନ୍ ସେଭଳି ଭକ୍ତଙ୍କୁ କୌଣସିପ୍ରକାରେ ସେମାନଙ୍କର ବାଞ୍ଛିତ ବାସନାକୁ ଭୋଗାଇ ନିଜ ନିକଟକୁ ଟାଣି ନିଅନ୍ତି । ତାହାଙ୍କୁ ନିର୍ଦ୍ଧୂତ କଷାୟ କୁହାଯାଏ । ଦେବର୍ଷି ଶ୍ରୀନାରଦ ଶ୍ରେଷ୍ଠ ଉତ୍ତମ ଭାଗବତ ଅଟନ୍ତି । ଶ୍ରୀଶୁକଦେବ ଗୋସ୍ୱାମୀ ନିର୍ଦ୍ଧୂତ କଷାୟ ଉତ୍ତ ଭାଗବତ ଅଟନ୍ତି । ଦାସୀପୁତ୍ର ଜନ୍ମରେ ଶ୍ରୀନାରଦ ମୁନୀ ମୂର୍ଚ୍ଛିତ କଷାୟ ଉତ୍ତମ

ଭାଗବତ ଅଟନ୍ତି । ଏହି ତିନିପ୍ରକାର ମହାଭାଗବତଙ୍କ ସଙ୍ଗରୁ ଏବଂ ତାହାଙ୍କ କୃପାରୁ ଶ୍ରଦ୍ଧା ଉଦିତ ହୁଏ । ଏଠାରେ ଭକ୍ତିର ତାରତମ୍ୟ ଅନୁସାରେ ତାହାଙ୍କ ସଙ୍ଗ-ପ୍ରଭାବର ମଧ ତାରତମ୍ୟ ହୋଇଥାଏ । ଏହିପରି ବିବେଚନାରୁ ଜଣାଯାଏ ଯେ, ଉତ୍ତମ ଭାଗବତଙ୍କ ମଧ୍ୟରେ ଶ୍ରେଷ୍ଠ ଭକ୍ତ ହିଁ କେବଳ ସଦ୍‌ଗୁରୁ ହୋଇ ପାରିବେ ।

କିଛି ଲୋକ ଏପରି ଭାବନ୍ତି ଯେ ଗୁରୁପଦାଶ୍ରୟର କୌଣସି ଆବଶ୍ୟକତା ନାହିଁ । ପୁସ୍ତକ ପଢ଼ି ସ୍ୱୟଂ ଭଜନ କଲେ ହାନି କ'ଣ ଅଛି ? କିଛି ଲୋକ ନିଜ ମାତା-ପିତା ବା ସମ୍ବନ୍ଧିମାନଙ୍କ ନିକଟରୁ ଦୀକ୍ଷା ନେଇ ସଦ୍‌ଗୁରୁଙ୍କ ପଦାଶ୍ରୟର ଆବଶ୍ୟକତାକୁ ଅନୁଭବ କରନ୍ତି ନାହିଁ । ସେମାନେ ଭାବନ୍ତି, ଆମ ବଂଶରେ ଅମୁକ ମହାପୁରୁଷ ଜନ୍ମିଥିଲେ, ଆମେ ତାହାଙ୍କ ବଂଶଜ । ତେଣୁ ଆମ୍ଭେମାନେ ମଧ ମହାପୁରୁଷ ବା ଗୋସ୍ୱାମୀ ଅଟୁଁ; ତେଣୁ ଅନ୍ୟ ଶ୍ରେଷ୍ଠ ଭାଗବତଙ୍କ ଠାରୁ ଦୀକ୍ଷା-ଗ୍ରହଣର କୌଣସି ଆବଶ୍ୟକତା ନାହିଁ । କିନ୍ତୁ ଶ୍ରୀମନ୍ମହାପ୍ରଭୁ କହିଛନ୍ତି -

କିବା, ବିପ୍ର, କିବା ନ୍ୟାସୀ, ଶୂଦ୍ର କେନେ ନୟ ।<br>
ଯେଇ କୃଷ୍ଣ ତତ୍ତ୍ୱବେତ୍ତା, ସେହି 'ଗୁରୁ' ହୟ ॥ (ଚୈ.ଚ.ମଧ୍ୟ. ୮/୧୨୭)

ଶ୍ରୀମଦ୍‌ଭାଗବତ (୧୧ / ୩ / ୨୧)ରେ କୁହାଯାଇଛି -

ତସ୍ମାଦ୍ ଗୁରୁଂ ପ୍ରପଦ୍ୟେତ ଜିଜ୍ଞାସୁଃ ଶ୍ରେୟ ଉତ୍ତମମ୍ ।<br>
ଶାବ୍ଦେ ପରେ ଚ ନିଷ୍ଣାତଂ ବ୍ରହ୍ମଣ୍ୟୁପସମାଶ୍ରୟମ୍ ॥

ଅର୍ଥାତ୍ କର୍ତ୍ତବ୍ୟ-ଅକର୍ତ୍ତବ୍ୟ ବିଷୟରେ ଜିଜ୍ଞାସୁ ବ୍ୟକ୍ତି ନିଜର ସର୍ବୋତ୍ତମ କଲ୍ୟାଣ ସାଧନ ପାଇଁ ସଦ୍‌ଗୁରୁଙ୍କ ପଦାଶ୍ରୟ କରିବେ । ସେହି ସଦ୍‌ଗୁରୁ ସମସ୍ତ ବେଦ-ଶାସ୍ତ୍ରର ସିଦ୍ଧାନ୍ତରେ ସୁନିପୁଣ ହୋଇଥିବେ; ଭଗବଦ୍ ଅନୁଭୂତି ପାଇଥିବେ ଏବଂ କୌଣସି ମାୟିକ ଜଞ୍ଜାଳରେ ନିର୍ଲିପ୍ତ ନ ଥିବେ ବା ମାୟିକ କ୍ଷୋଭର ବଶୀଭୂତ ହୋଇ ନଥିବେ । ସେଭଳି ସଦ୍‌ଗୁରୁଙ୍କ ପଦାଶ୍ରୟ କରିବା ଉଚିତ ।

ତାହାର ତାତ୍ପର୍ଯ୍ୟ ହେଉଛି ଶୁଦ୍ଧଭକ୍ତି-ବିଶିଷ୍ଟ ସୁସିଦ୍ଧାନ୍ତବିଦ୍, ନିର୍ମଳଚରିତ୍ର ସରଳ ହୃଦୟ, ନିର୍ଲୋଭୀ, ମାୟାବାଦରୂପ କୁସିଦ୍ଧାନ୍ତ ରହିତ, ଭଗବତ ସେବାକାର୍ଯ୍ୟରେ ସୁଦକ୍ଷ, ନିରଳସ, ଭଗବନ୍ନାମପରାୟଣ ବ୍ୟକ୍ତି ଯେ କୌଣସି କୁଳରେ, ଜାତିରେ, ବର୍ଣ୍ଣରେ ଓ ଆଶ୍ରମରେ ଥାଆନ୍ତୁ ନା କାହିଁକି, ସେ ହିଁ ଗୁରୁ ହେବା ଯୋଗ୍ୟ । ଅନ୍ୟ ପକ୍ଷରେ ନିରଳସ, ଶ୍ରଦ୍ଧାବାନ୍, ଶୁଦ୍ଧଚରିତ୍ର, ଭଗବଦ୍‌ଭକ୍ତି ଅଭିଳାଷୀ ବ୍ୟକ୍ତି ହିଁ ଶିଷ୍ୟ ହେବା ଯୋଗ୍ୟ । ଗୁରୁ ଶିଷ୍ୟକୁ ଅଧିକାରୀ ଦେଖି ଏବଂ ଶିଷ୍ୟ ମଧ ଗୁରୁଙ୍କୁ ଶୁଦ୍ଧଭକ୍ତ ବୋଲି ନିଶ୍ଚିତ କରି ଜାଣି ତାହାଙ୍କ ପ୍ରତି ଶ୍ରଦ୍ଧାଯୁକ୍ତ ହେବେ । ତେବେ ସେହି ଗୁରୁ ଉକ୍ତ ଶିଷ୍ୟକୁ ଶିକ୍ଷା ଦେବେ ।

*କ୍ରମଶଃ*